# ୧୦ ଦଫା ଦାବିରେ ବ୍ଲକ୍ ଅଫିସ୍ ଘେରଉ



**କିଶୋରନଗର, ୧୨।୨(ସମିସ):** ସୁରେଶ୍ୱରୀ ଜଳସେଚନ ଯୋଜନା ଅବିଳମ୍ବେ କାର୍ଯ୍ୟକ୍ଷମ କରିବା, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ସ୍ତ୍ରୀ ପ୍ରସୂତି, ଅସ୍ଥି ଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସରେ, ଅଲଟ୍ରାସାଉଣ୍ଡ ମେସିନ ସ୍ଥାପନ କରିବା, ଉତ୍ତମ ବିଦ୍ୟୁତ ସେବା ଯୋଗାଇବା ସହ ଘରୋଇ କରଣ ବନ୍ଦ କରି, ପ୍ରିପେଡ୍ ମିଟର ବନ୍ଦ କରିବା, ଖଣି, ଶିଳ୍ପ କାରଖାନା ଚାଷଜମିରେ ସ୍ଥାପନ ବନ୍ଦ କରିବା, ଚୋରା ମଦ କାରବାର ବନ୍ଦ କରିବା, ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ ମଣ୍ଡିଦ୍ୱାରା କ୍ରୟ କରିବା ଆଦି ୧୦ ଦଫା ଦାବିନେଇ ଜୀବନ ଜୀବିକା କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟିର ସାଂଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ କମିଟିର ଅନନ୍ତ ଚରଣ ପ୍ରଧାନ, ରମେଶ ଲୁହା, ରବୀନ୍ଦ୍ର ସାହୁ, ତରୁଣ ବେହେରା, ପଦ୍ମିନୀ ମୁଣ୍ଡା, ସରୋଜିନୀ ନାୟକ ତୀର୍ଥବାସୀ ଭୋଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୧୦ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ପ୍ରତିନିଧିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

● ଚଞ୍ଚକତା କରି ଜମି ହଡ଼ପ

# ପ୍ରତିବାଦ କରିବାରୁ କନେଷ୍ଟବଳଙ୍କ ମାନସିକ ନିର୍ଯାତନା ଅଭିଯୋଗ

**ଢେଙ୍କାନାଳ, ୧୨।୨(ସମିସ):** ସଦର ଥାନା ଅନ୍ତର୍ଗତ ନାଗିଆପଶି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଜମିକୁ ଚଞ୍ଚକତାକରି ହଡପ କରାଯାଇଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରିବାରୁ ଜମି ହଡପ କରିଥିବା ପରିବାରର ଜନୈକ କନେଷ୍ଟବଳ ମାନସିକ ନିର୍ଯ୍ୟାତନା ଦେଉଥିବାନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜମି ମାଲିକ। ନାଗିଆପଶି ଗ୍ରାମର କେଶବ ପରିଡ଼ାଙ୍କ ଅଭିଯୋଗ ଅନୁସାରେ, ଗତ ୨୨ ବର୍ଷ ତଳେ ତାଙ୍କ ବାପା ବୈରାଗୀ ପରିଡ଼ାଙ୍କ ଉପରେ ଚାପ ପକାଇ ଗ୍ରାମର ଦୁଃଶାସନ ପରିଡ଼ା ତାଙ୍କର କିଛି ଜମିକୁ ରେଜିଷ୍ଟ୍ରି କରାଇନେଇଥିଲେ। ପୁନଶ୍ଚ ଗତ ୨୦୦୧ ମସିହା ନଭେମ୍ବର ୫ ତାରିଖରେ ଆଉକିଛି ଜମି ନେଇଥିଲେ। ଏହାକୁ ନେଇ କେଶବ ବାରମ୍ବାର ଜିଲ୍ଲାପାଳ, ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ଘଟଣା ସମ୍ପର୍କରେ ସଦର ଥାନାରେ ଅଭିଯୋଗ ପରେ ଦୁଃଶାସନଙ୍କ ପୁଅ ନଟବର ସ୍ୱାଇଁ କନେଷ୍ଟବଳ ଥିବାରୁ ଥାନାକୁ ଡକାଇ କେଶବଙ୍କୁ ଧମକ ଚମକ ଦେବା ସହିତ ମାନସିକ ନର୍ଯ୍ୟାତନା ଦେଇଥିଲେ। ଏଭଳି ପରସ୍ଥିତିରେ କେଶବ ମାନସିକ ନିର୍ଯ୍ୟାତନା ସହି ନପାରି କନେଷ୍ଟବଳଙ୍କ ଅତ୍ୟାଚାରରୁ ମୁକ୍ତ ଏବଂ ଜମି ଫେରାଇ ଦେବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ନିବେଦନ କରିଥିବାର ଜଣାପଡ଼ିଛି।

# କୋଲ୍ବ୍ଲକ୍ ଘରୋଇକରଣ ବିରୋଧରେ ପ୍ରତିବାଦ

## ତାଳଚେର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ତାଳଚେର ସଦର, ୧୨।୨(ସମିସ)**

ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ କୋଲବ୍ଲକ ଘରୋଇକରଣ ପ୍ରତିବାଦରେ ସୋମବାର ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ତାଳଚେର ନିର୍ବାଚନ ମଣ୍ଡଳୀର ସମସ୍ତ ଲୋକପ୍ରତିନିଧିଙ୍କ ସହ କଙ୍କିଳି, ଧରମପୁର, ସ୍କଟଲ୍ୟାଣ୍ଡପୁର, ରସାଳପୁର, କିଶୋରରୀପାଳ, ବନମାଳିପୁର, ସରେଇଲୋ, ରାମଚନ୍ଦ୍ରପୁର, କାକୁଡିଆ, ହରିହରପୁର, ଦୁମଦୁମା, ଗୋପବନ୍ଧୁଭପୁର, ରାଧାରମଣପୁର, ରଙ୍ଗପୁର, ଲୁହୁଣ୍ଡି, ଅରଖପାଳ, ଯଦୁନାଥପୁର, ଶରକିଶୋରପାଳ,



ବିରରାମଚନ୍ଦ୍ରପୁର, କାଳନ୍ଦୀ ପ୍ରସାଦ, ବୁଟାସାହି, ଶ୍ରୀରାମପୁର, ବଲାଙ୍ଗୀ ନୂଆଁସାହି, ଏକଡାଳ, ରଘୁନାଥପୁର, ଚନ୍ଦ୍ରବିଲ୍, ଧୁବାପାଳ ପ୍ରମୁଖ ଗ୍ରାମବାସୀଙ୍କ ଉପସ୍ଥିତିରେ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦସଭା କରାଯାଇଥିଲା। ଘଟଣାରୁ ପ୍ରକାଶ, ଉପରୋକ୍ତ ଗ୍ରାମଗୁଡିକ ଘରୋଇ ସଂସ୍ଥା ହାତକୁ ଟେକି ଦେଉଥିବାରୁ ଏହାକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିବା ସହ ଏହି ଜମି ଗୁଡିକୁ ଏମ୍‌ସିଏଲ ଅଧିଗ୍ରହଣ କରିବାକୁ ଦାବି କରି ଆସୁଛନ୍ତି। ଏହି ଶୋଭଯାତ୍ରାରେ ହଜାର ହଜାର ଗ୍ରାମବାସୀ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ସହ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ।

# ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣିଲେ

**ଅନୁଗୋଳ, ୧୨।୨(ସମିସ):** ବଣିଆବାହାଳରେ ଜଣେ ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣିଛନ୍ତି ଜଣେ ଦୋକାନୀ। ଗୁରୁତର ଜଣଙ୍କ ହୁଲୁରିସିଂହା ଗ୍ରାମରେ ଭଡ଼ାରେ ରହୁଥିବା ନରସିଂହପୁର ଅଞ୍ଚଳର ଗଦାଧର ମଲ୍ଲିକ। ସେ ବୁଲିବୁଲି ତେଜରାତି ବେପାର କରୁଥିଲେ। ଆଜି ସେ ବଣିଆବାହାଳରେ ବ୍ୟବସାୟ କରୁଥିବା ବେଳେ ମଧ୍ୟାହ୍ନରେ ଜଣେ ଯୁବକ ହଠାତ ତାଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀ ଜଣଙ୍କ ମଧ୍ୟ ଏକ ଦୋକାନ କରିଛନ୍ତି। ଗଦାଧର କମ୍ ଦରରେ ବେପାର କରୁଥିବାରୁ ତାଙ୍କର ଘାଟା ହେଉଥିବା କହି ଯୁବକ ଜଣଙ୍କ ଆକ୍ରମଣ କରିଥିବା ଜଣାପଡ଼ିଛି। ଗଦାଧର ଗୁରୁତର ହୋଇ ପଡ଼ି ଯାଇଥିବା ବେଳେ ଆକ୍ରମଣକାରୀ ଯୁବକ ଘଟଣାସ୍ଥଳରୁ ପଳାଇଥିଲା। ସ୍ଥାନୀୟଲୋକ ଗଦାଧରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଗଣମାଧ୍ୟମ, ସମାଜ ଓ ଉନ୍ନୟନ ଶୀର୍ଷକ ଆଲୋଚନା

**ଢେଙ୍କାନାଳ, ୧୨।୨(ସମିସ):** ଢେଙ୍କାନାଳ ଆଇଆଇଏମ୍‌ରେ ଗଣମାଧ୍ୟମ, ସମାଜ ଓ ଉନ୍ନୟନ ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ବକ୍ତବ୍ୟ ଅନୁଷ୍ଠିତ ହୋଇଯାଇଛି। ବକ୍ତାଭାବେ ମଧ୍ୟପ୍ରଦେଶସ୍ଥିତ ମାଖନଲାଲ ଚତୁର୍ବେଦୀ ଜାତୀୟ ସାମ୍ବାଦିକତା ଓ ସଞ୍ଚାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କେଜି ସୁରେଶ ଯୋଗଦେଇ ଖବର ସବୁବେଳେ ନିଷ୍ପକ୍ଷ, ସ୍ୱଷ୍ଟ ହେବା ଉଚିତ। କିନ୍ତୁ ବିଡ଼ମ୍ବନାର ବିଷୟ ଆଜିକାଲି ଅନେକ ଗଣମାଧ୍ୟମ ସଂସ୍ଥା ଅନେକ ସମୟରେ ଏହାର ପାଳନ କରିପାରୁନାହାନ୍ତି। ଆଉ କିଛି ଗଣମାଧ୍ୟମ କେବଳ ରାଜନୀତି ବା ସେହି ସମ୍ପର୍କିତ ଖବର ପରିବେଷଣ କରୁଛନ୍ତି। ପରିବେଶ, ସ୍ୱାସ୍ଥ୍ୟ, ଲିଙ୍ଗଗତ ପ୍ରସଙ୍ଗ, ସାଂସ୍କୃତିକ ପ୍ରସଙ୍ଗ, ବିଜ୍ଞାନ ଆଦି ଉପରେ ବି ଅନେକ ଖବର ହୋଇପାରିବ। ଯାହା ସମାଜର ଅଧିକ ହିତ ସାଧନ କରିପାରିବ। କରୋନା ପରବର୍ତ୍ତୀ ସମୟରେ ଏହିପରି କିଛି ଖବର ଆସିଥିଲା। ତେବେ ତାହା ଯଥେଷ୍ଟ ନଥିଲା। ଏଣୁ ଯୁବ ସାମ୍ବାଦିକମାନେ ଘଟଣା ବା ପ୍ରସଙ୍ଗର ଗଭୀର ଅଧ୍ୟୟନ କରି ତଥ୍ୟ ଆଧାରରେ ଖବର ପରିବେଷଣ କରିବା ଦରକାର। ସେହିପରି ଜନତାଙ୍କୁ ସେମାନଙ୍କ ଅଧିକାର ଓ ଦାୟିତ୍ୱବୋଧ ସମ୍ପର୍କରେ ମଧ୍ୟ ଗଣମାଧ୍ୟମ ସଚେତନ କରାଇବା ଜରୁରୀ ବୋଲି ସେ କହିଛନ୍ତି। ଡ. ସୁରେଶ ସଂସ୍ଥାନର ସାମ୍ବାଦିକତା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି, ସାମାଜିକ ଗଣମାଧ୍ୟମରେ କିଛି ଲେଖିବାବେଳେ ଭାବିଚିନ୍ତି ଲେଖିବା ଦରକାର। ପରବର୍ତ୍ତୀ ସମୟରେ ଯେପରି କୌଣସି ଲେଖାକୁ ନେଇ ବିବାଦ ନ ଆସେ, ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ। ଏହାସହ ପ୍ରମାଣଭିତ୍ତିକ ରିପୋର୍ଟିଂ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟତମ ଅତିଥିଭାବେ ସୁଲେଖକ ତଥା ଶିକ୍ଷାବିତ ସୁବୀର ଘୋଷ ଯୋଗଦେଇଥିଲେ।

● 'ସୁଚିତ୍ରା'ର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ

# କୁଳମଣି ମେହେରଙ୍କୁ ଯୁବ ପ୍ରତିଭା ସମ୍ମାନ

**କିଶୋରନଗର, ୧୨।୨(ସମିସ):** ନାକଟିଦେଉଳରୁ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ଓ ଫିଚରଧର୍ମୀ ସାହିତ୍ୟ ପତ୍ରିକା 'ସୁଚିତ୍ରା'ର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ନାକଟିଦେଉଳ ପଞ୍ଚାୟତ ସମିତି ସଭାଗୃହଠାରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ ଆଲୋଚନା, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ପତ୍ରିକା ଉନ୍ମୋଚନ ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଅନୁଗୋଳ ଜିଲ୍ଲାର ଯୁବକବି କୁଳମଣି ମେହେରଙ୍କୁ କବିତା ପାଇଁ ସୁଚିତ୍ରା ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ କବି, ନୃତ୍ୟଶିଳ୍ପୀ ତଥା 'ଶଲାବୁଢ଼ା' ଚଳଚ୍ଚିତ୍ରର ପ୍ରଖ୍ୟାତ ଅଭିନେତ୍ରୀ ଡଃ ତପସ୍ୱିନୀ ଗୁରୁ, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭ୍ୟ ଡଃ ମନୋଜ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କବି ତଥା ସାମ୍ବାଦିକ ଲକ୍ଷ୍ମୀନାରାୟଣ ହୋତା, କଳା ନିର୍ଦ୍ଦେଶକ କଳିଙ୍ଗ କେଶରୀ ନାୟକ ଯୋଗଦେଇ ଶ୍ରୀ ମେହେରଙ୍କୁ ଉତ୍ତରୀୟ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସୁଚିତ୍ରାର ସମ୍ପାଦକ କବି କନ୍ଦର୍ପ ବେହେରା, ମୁଖ୍ୟ ସମ୍ପାଦକ ସଂଗ୍ରାମ କେଶରୀ ପୃଷ୍ଟି ଓ ସୁଚିତ୍ରାର ସମସ୍ତ ସଭ୍ୟସଭ୍ୟା ଓ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଯୁବକବି କୁଳମଣି ମେହେରଙ୍କ ଚାରିଟି କବିତା ପୁସ୍ତକ ପ୍ରକାଶିତ ହୋଇ ସାରିଥିବା ବେଳେ ସମ୍ପ୍ରତି ସେ ପରଜଙ୍ଗ ମହାବିଦ୍ୟାଳୟ, ଢେଙ୍କାନାଳଠାରେ ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସମ୍ମାନପ୍ରାପ୍ତି ଅବସରରେ କିଶୋର ସାହିତ୍ୟ ସଂସଦ ପରିବାର ସମେତ, ବହୁ ସାରସ୍ୱତ ଅନୁଷ୍ଠାନ ଓ ସାରସ୍ୱତ ସାଧକ କବିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



● ପଶ୍ଚିମେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳୀର ସମ୍ମିଳନୀ

# ସାଂସଦଙ୍କୁ ନିତାଇଗୌର ସେବା ସମ୍ମାନ



**ଢେଙ୍କାନାଳ, ୧୨।୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ଗଙ୍ଗାଧରପ୍ରସାଦ ସ୍ଥିତ ପଶ୍ଚିମେଶ୍ୱର ମନ୍ଦିର ପରିସରରେ ବାବା ପଶ୍ଚିମେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳୀର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମେଶ୍ୱର ଅଞ୍ଚଳର ୫ଟି ପଞ୍ଚାୟତର ୨୭ଟି ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ସାଂସଦ ମହେଶ ସାହୁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟଙ୍କ ସମ୍ପାଦକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବରେ ବିଧାୟକଙ୍କ ପ୍ରତିନିଧି ନରୋତ୍ତମ ସାହୁ, ନ୍ୟୁଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ଯୋଗଦେଇଥିଲେ। ସାଂସଦଙ୍କ ତରଫରୁ ମହାମଣ୍ଡଳ ପାଇଁ ଏକ ସଂକୀର୍ତ୍ତନ ଗୃହ ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ସାଂସଦଙ୍କୁ ମହମଣ୍ଡଳ ତରଫରୁ ନିତାଇଗୌର ସେବା ସମ୍ମାନରେ ସମ୍ମାନୀତ କରାଯାଇଥିଲା।

# ରଘୁନାଥଜିଉ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କାମାକ୍ଷାନଗର, ୧୨।୨(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସ୍ଥିତ ରଘୁନାଥଜିଉ ସଙ୍ଗିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରାମକୃଷ୍ଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ, ୧୯ ୯୨ରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ରାଜ୍ୟରେ ଏକ ପ୍ରତିଷ୍ଠିତ ବିଦ୍ୟାଳୟ ଭାବେ ପରିଗଣିତ ହୋଇପାରିଛି। କେବଳ ରାସ୍ତା, ଘାଟ, ଘର, ଦୋକାନ ବଜାର କରିଲେ ନିଜ ଅଞ୍ଚଳ ଆଗକୁ ଯାଇପାରିବ ନାହିଁ। ସାଂସ୍କୃତିକ କ୍ଷେତ୍ରଠାରୁ ଆରମ୍ଭ କରି କଳା, ନୈପୁଣ୍ୟର ବିକାଶ ହେବା ଜରୁରୀ। ରାଜ୍ୟର ପ୍ରତିଷ୍ଠିତ ସଙ୍ଗୀତ ଗୁରୁଙ୍କୁ ଆଣି ଏଠାରେ ଶିକ୍ଷାଦାନ କରିବାର ବ୍ୟବସ୍ଥା କରାଯାଉ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାଂସଦ ମହେଶ ସାହୁ ଯୋଗଦେଇ ଏହି ବିଦ୍ୟାଳୟ ଆଗାମୀ ଦିନରେ ମହାବିଦ୍ୟାଳୟରେ ପରିଣତ ହେବ ସେଥିପାଇଁ ସମସ୍ତେ ଚେଷ୍ଟା କରିବା ସହ ଆଗକୁ ବଢ଼ିବାକୁ ପଡ଼ିବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ମେଜର ପ୍ରଭାତ କୁମାର ଦାଶ, ନଗରପାଳ ଧର୍ମାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ଗୋବର୍ଦ୍ଧନ ବାରିକ ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତରଫରୁ ଶାସ୍ତ୍ରୀୟ ସୀଙ୍ଗୀତ, ନୃତ୍ୟ, ଓଡିଶୀ ଓ ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗିରିଶ୍ୱର ଶୈବପୀଠର ପୁନରୁଦ୍ଧାର ପାଇଁ ବୈଠକ

**ପାଲଲହଡ଼ା, ୧୨।୨(ସମିସ):** ଅନୁଗୁଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ସ୍ଥିତ ଝାରବେଡା ପଞ୍ଚାୟତ ଅନ୍ତର୍ଗତ ଖୁଲୁଡି ବାବା ଗିରିଶ୍ୱର ଶୈବପୀଠର ପୁନରୁଦ୍ଧାର ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ଅଧିକାରୀ ପାଲଲହଡ଼ା ଉପଜିଲ୍ଲାପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ମୁକେଶ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଗିରିଶ୍ୱର ଶୈବପୀଠ ପାଲଲହଡ଼ା ତଥା ଆଖାପାଖର କେଉଁଝର, ଦେବଗଡ଼, ଢେଙ୍କାନାଳ ଆଦି ଅଞ୍ଚଳର ଜନସାଧାରଣଙ୍କ ଏକ ଆସ୍ଥାର ପ୍ରତୀକ। ଏଠାରେ ଥିବା ଚିରସ୍ରୋତା ଝରଣା ଭକ୍ତ ତଥା ପର୍ଯ୍ୟଟକଙ୍କ ମନ ମୋହିଥାଏ। ଏଠାରେ ଥିବା ମନ୍ଦିରଟି ରାଜାରାଜୁଡ଼ା ଅମଳରୁ ଥିବାବେଳେ ପ୍ରଶାସନ ତଥା ବିଧାୟକଙ୍କ ପକ୍ଷରୁ ମୁଖ୍ୟ ମନ୍ଦିରକୁ ପୁନର୍ବାର ନିର୍ମାଣ ପାଇଁ ପ୍ରଚେଷ୍ଟା ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ ବିଧାୟକ ମୁକେଶ ପାଲ ୨୦ ଲକ୍ଷ ଏବଂ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ବେଳେ ମନ୍ଦିର ନିର୍ମାଣ ପାଇଁ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।



ସୂଚନା ଅନୁସାରେ ଗିରିଶ୍ୱର ଶୈବପୀଠର ଉନ୍ନତିକରଣ ପାଇଁ ୮୪.୩୭ ଲକ୍ଷ ଟଙ୍କା ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି। ଆସନ୍ତା ୧୮ ତାରିଖ ରବିବାର ମାଘ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ମନ୍ଦିର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟର ଶିଳାନ୍ୟାସ ପୁରୀ ପଣ୍ଡିତ ସଭାର ପରାମର୍ଶ କ୍ରମେ ଅନୁଷ୍ଠିତ ହେବ। ସକାଳ ୭ ଘଟିକାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସମେତ ଉପଖଣ୍ଡର ସରପଞ୍ଚ, ସମିତିସଭ୍ୟ, ବରିଷ୍ଠ ନାଗରିକ, ମନ୍ଦିର ପରିଚାଳନା କମିଟି ତଥା ଶତାଧିକା ଜନସାଧାରଣ ଉପସ୍ଥିତ ଥିଲେ।

## ରୋଟାରୀ ପବ୍ଲିକ୍ ସ୍କୁଲ୍‌ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ମନମୋହିଲା ସୋହିନୀଙ୍କ ଗୀତ, ଶିକ୍ଷକଙ୍କ ନାଟକ

**ଅନୁଗୋଳ, ୧୨।୨(ସମିସ)**



ରୋଟାରୀ ପବ୍ଲିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନିଆ ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ରାଜସ୍ୱ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ନିର୍ଦ୍ଦେଶକ ବିଧୁ ଭୂଷଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓଡ଼ିଆ ସିନେ ତାରକା ଦୀପକ କୁମାର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସୁନାଗରିକ ହେବକୁ ଦିଗ୍‌ଦର୍ଶନ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସ୍କୁଲ୍ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୧୧ ତାରିଖ ଦିନ ଉଦ୍‌ଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଡ.ଅଜିତ୍ କୁମାର୍ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ଆଇଡଲ ଗାୟିକା ସୋହିନୀ ମିଶ୍ର ଏବଂ ଗୀତିକାର ଲଳିତ ନାରାୟଣ ରଥ ଯୋଗଦେଇ ଛାତ୍ରଛାତ୍ରୀମାନେ କିଭଳି ଭଲ ମଣିଷଟିଏ ହୋଇ ସମାଜରେ ଗୋଟିଏ ସୁନାଗରିକ ଭାବରେ ବଞ୍ଚିବାକୁ ପ୍ରୟାସ କରିବେ ଏବଂ ସେଥିପ୍ରତି କିଭଳି ଯତ୍ନବାନ ହେବା ଦରକାର ତା ଆଲୋକପାତ କରିଥଲେ। ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୫ଟି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଦର୍ଶକମାନଙ୍କୁ ଭରପୁର ମନୋରଞ୍ଜନ ଯୋଗଦେଇଥିଲେ।

ବିଦ୍ୟାଳୟର ଶିକ୍ଷକମାନଙ୍କ ଦ୍ୱାରା ଅଭିନୀତ ନାଟକ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶନା ଏବଂ ସତ୍ୟବାନ୍ ବେହେରାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନାଟକ 'ଅନ୍ତଃସ୍ୱର' ବିଶେଷ ଆକର୍ଷଣ ଭାବେ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ବିଦ୍ୟାଳୟର ଆଲୁମିନି ଆସୋସିଏସନ୍‌ର ସଭାପତି ଡ. ସ୍ୱସ୍ତୀକିରଣ ଏବଂ ସମ୍ପାଦକ ପ୍ରତ୍ୟୁଷା ଅମାନ୍ତଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବଟି ରୋଟାରୀ ପବ୍ଲିକ୍ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ନିଖିଲ ରଞ୍ଜନ ମିଶ୍ର, ରୋଟାରି ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷ ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରି କଳ୍ପଲତା ଦାଶ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଉଦ୍ୟମରେ ସୁରୁଖୁରୁରେ ସମାପନ ହୋଇଛି। ଶିକ୍ଷୟିତ୍ରୀ ଡଲଫିନ ସାହୁ ଏବଂ ଅନୁଭା ମିଶ୍ର ଯଥାକ୍ରମେ ଉଦ୍‌ଘଟନୀ ଏବଂ ଉଦଯାପନୀ ଉତ୍ସବରେ ଧନ୍ୟବାଦ୍ ଅର୍ପଣ କରିଥିଲେ।





# ନବୋଦୟ ବିଦ୍ୟାଳୟ ତରଫରୁ ଶିକ୍ଷଣ ସାମଗ୍ରୀ ବିତରଣ

**କାମାକ୍ଷାନଗର, ୧୨।୨(ସମିସ):** ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମ ଜବାହର ନବୋଦୟ ବିଦ୍ୟାଳୟ ସରାଙ୍ଗ ତରଫରୁ ପେସ ସେଟିଙ୍ଗ ଅନ୍ତର୍ଗତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ମୂଲ୍ୟବୋଧ ଭିତ୍ତିକ ପୁସ୍ତକ ସହ ଶିକ୍ଷା ସାମଗ୍ରୀ ବଦ୍ୟାର୍ଥୀ ମାନଙ୍କୁ ବିତରଣ କରାଯାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ନବୋଦୟ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼ଃ ପ୍ରଶାନ୍ତ ବିଶ୍ୱାଳ କାହାଣୀ ଦ୍ୱାରା ବିଦ୍ୟାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ନବୋଦୟ ବିଦ୍ୟାଳୟର ପ୍ରାଚାର୍ଯ୍ୟ ଡ଼ଃ ପ୍ରତିମା ମିଶ୍ର ବିଦ୍ୟା ସହ ପାଠ୍ୟକ୍ରମର ଗୁରୁତ୍ୱ ଦେବା ସଙ୍ଗେ ସୃଜନୀ ଶକ୍ତିର ବିକାଶ ନିମନ୍ତେ ବିଦ୍ୟାର୍ଥୀଙ୍କୁ ଅଭିପ୍ରେରିତ କରିଥିଲେ। ସରାଙ୍ଗ ସରପଞ୍ଚ ସ୍ୱପ୍ନ ସହ ସାଧାନା ଲାଗି ପିଲାଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମହାଶୟା ମଞ୍ଚ ସଞ୍ଚାଳନ କରିବା ସଂଗେ ସଙ୍ଗେ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବରିଷ୍ଟ ଶିକ୍ଷକ ସନିଷ୍ଠ ସାହୁ, ସହକାରୀ ଶିକ୍ଷକ ସୁମିତ୍ରା ମହାପାତ୍ର, ଇନ୍ଦୁମତି ବେହେରା, କୁନି ସାହୁ, ମନସ୍ମିତା ପଣ୍ଡା ଏବଂ ବିଦ୍ୟାଳୟର ଚେୟାରମ୍ୟାନ ନବୋଦୟ ବିଦ୍ୟାଳୟର ଏହିଭଳି ସ୍ୱାଗତ ଯୋଗ୍ୟ ପଦକ୍ଷେପ ଲାଗି ଧନ୍ୟବାଦ ଦେଇଥିଲେ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ୨୩୦ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ମୂଲ୍ୟବାନ ପୁସ୍ତକ, ପେନ, ଓ ଚକୋଲେଟ ପ୍ରଦାନ କରାଯାଇଥିଲା।



ସକାଳ THE SAKALA



## ଶ୍ରମିକ ମୃତ୍ୟୁ ପରେ ଚେତିଲା ପ୍ରଶାସନ

# ୧୯ ଇଟାଭାଟିରେ ଚାଲିଲା ବୁଲ୍‌ଡୋଜର

**ଢେଙ୍କାନାଳ/କାମାକ୍ଷାନଗର,୧୨ ।୨(ସମିସ)**

ଢେଙ୍କାନାଳ ଜିଲ୍ଲାର କଣ୍ଟାବଣିଆ ଥାନା କମଲାଙ୍ଗ ଗ୍ରାମ ବ୍ରାହ୍ମଣୀ ନଦୀପଠାରେ ବେଆଇନ ଭାବରେ ଗଢିଉଠିଥିବା ଇଟାଭାଟିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକଙ୍କ ମୃତ୍ୟୁ ପରେ ପ୍ରଶାସନର ଚେତା ପଶିଛି । ସୋମବାର ଦିନ କାମାକ୍ଷାନଗର, ଓଡାପଡାରେ ବେଆଇନ ଇଟାଭାଟିରେ ବୁଲଡୋଜର ଚାଲିବା ସହିତ ୧୯ଟି ଇଟାଭାଟିକୁ ନଷ୍ଟ କରିଦିଆଯାଇଛି । ଦୁଇ ଦିନରେ ୨୫ଟି ଭାଟିକୁ ନଷ୍ଟ କରାଯାଇଥିବା ବେଳେ ଏହି ଭାଟି କିପରି ଚାଲିଥିଲା ଏବେ ପ୍ରଶାସନ ଏବଂ ତହସିଲ ଜାଣିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କମଲାଙ୍ଗ ବ୍ରାହ୍ମଣୀ ନଦୀ ପଠାରେ ନିକଟରେ କମଲାଙ୍ଗ ଗ୍ରାମର ବିନୟ ସାହୁଙ୍କ ବେଆଇନ ଇଟାଭାଟିରେ



ଛତିଶଗଡରୁ ଶ୍ରମିକ ମାନଙ୍କୁ ଆଣି କାମରେ ଲଗାଇଥିଲେ । ଶୁକ୍ରବାର ହାତୀ ଭୟରେ ଖବରପାଇ ପରିବାରର ମେଘନାଥ ଭୋଇ (୫୦), କୁନି ଭୋଇ(୪୦) ଏବଂ ଜିତୁ ଭୋଇ (୦୭)ଙ୍କ ସହିତ ଶିବ ଦାସ ଭୋଇ ମଧ ହାତୀ ଭୟକୁ ନେଇ ଶୋଇଯାଇଥିବା ବେଳେ କୋଇଲା ଧୂଆଁ ଯୋଗୁ ଅଣନିଃଶ୍ୱାସୀ ହୋଇ ମେଘ, ନିରା ଓ ଜିତୁଙ୍କ ମୃତ୍ୟୁ ଘଟିଥିଲା । ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ରବିବାର ଦିନ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୬ଟି ଇଟାଭାଟିକୁ ଜେସିବି ଲଗାଇ ଭାଙ୍ଗିଥିଲା । ଘଟଣା ପରେ ଇଟାଭାଟି ମାଲିକ ବିନ ସାହୁ ଏବଂ ତାର ଦୁଇ ସହଯୋଗୀ ଫେରାର ହୋଇଯାଇଛନ୍ତି । ଏହି ଘଟଣା ପରେ ସୋମବାର ମଧ ତହସିଲପକ୍ଷରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ୬ଟି ଇଟଭାଟିକୁ ଭାଙ୍ଗି ଦିଆଯାଇଥିବା ବେଳେ କାମାକ୍ଷାନଗରରେ ମଧ ୧୧ଟି ଇଟାଭାଟିକୁ ଭାଙ୍ଗିଦିଆଯାଇଛି । ଏଭଳି ଦୁଇ ଦିନରେ ଜିଲ୍ଲାର ଦୁଇଟି ବ୍ଲକରେ ୨୫ଟି ଇଟାଭାଟିକୁ ଭାଙ୍ଗି ଦିଆଯାଇଥିବା ବେଳେ ଓଡାପଡା ବ୍ଲକର ଖଡଗପ୍ରସାଦ ସହିତ ପରଜଙ୍ଗ ବ୍ଲକର ଜଟିଆ ଠାରୁ ଆରମ୍ଭ କରି ଭୁବନ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀପଠାରେ ମାଳ ମାଳ ବେଆଇନ ଇଟାଭାଟି ରହିଥିବା ଜଣାପଡିଛି । ବିଭିନ୍ନ ନାଳ ନିକଟରେ ମଧ ଇଟା ପ୍ରସ୍ତୁତ ହେଉଥିବା ଜଣାପଡିଛି । ଏଭଳି ଇଟା କାରଖାନା ଚାଲିଥିବା ବେଳେ ତହସିଲ, ଆରଆଇ ଏବଂ ପୁଲିସ କିପରି ଜାଣିପାରୁନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । କମଲାଙ୍ଗ ଘଟଣା ପରେ ଇଟାଭାଟି ଭଙ୍ଗାଯାଉଥିବା ବେଳେ ଦିର୍ଘଦିନ ଧରି କିପରି ଏହି ଭାଟି ଗୁଡିକ ଚାଲୁଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ବନ୍ଦ କୋଠରିରୁ ଯୁବକଙ୍କ ଗଳିତ ଶବ ଉଦ୍ଧାର



**ଢ଼େଙ୍କାନାଳ,୧୨।୨(ସମିସ):** ସ୍ଥାନୀୟ ହାଟରୋଡ ଅଞ୍ଚଳର ଏକ ବନ୍ଦ କୋଠରି ମଧ୍ୟରୁ ଯୁବକର ଗଳିତ ଶବ ଉଦ୍ଧାର ହୋଇଛି । ଗଁଦିଆ ଥାନା ଅନ୍ତର୍ଗତ ଖଙ୍କର ଗ୍ରାମର ସତ୍ୟବ୍ରତ ରାଉତ (୧୯) ସ୍ଥାନୀୟ ଅଞ୍ଚଳରେ ଗତ କିଛିଦିନ ହେବ ଏକ ଲୁଗା ଦୋକାନରେ ରହି କାର୍ଯ୍ୟ କରୁଥିଲେ । ଗତ ତିନି ଦିନ ହେବ ସତ୍ୟବ୍ରତ ଦୋକନକୁ ଯାଇ ନଥିବା ବେଳେ ଦୋକାନର ମାଲିକ ବାରମ୍ବାର ତାଙ୍କୁ ଫୋନ୍ କରୁଥିଲେ ମଧ ସେ ଫୋନ୍ ଉଠାଉନଥିଲେ । ସୋମବାର ସକାଳେ ହାଟ ରୋଡସ୍ଥିତ ବାସଘରୁ ଦୁର୍ଗନ୍ଧ ଆସିବାରୁ ସ୍ଥାନୀୟ ଅଞ୍ଚଳବାସିନ୍ଦା ଉକ୍ତ ଘରକୁ ଯାଇଥିଲେ । ସେଠାରେ ସତ୍ୟବ୍ରତ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖି ଟାଉନ୍ ଥାନାକୁ ଜଣାଇଥିଲେ । ପୁଲିସ୍ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି । ସତ୍ୟବ୍ରତ ପ୍ରେମ ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା କରିଥିବା ଅଞ୍ଚଳରେ ଆଲୋଚନା ହେଉଛି ।

## ଶତାବ୍ଦୀ ପୁରୁଷ ଥିଲେ ରାଧାନାଥ



**ଢେଙ୍କନାଳ,୧୨।୨(ସମିସ):** ଡ. ରାଧାନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ଓ ଉଫୁନାର ମିଳିତ ଆନୁକୂଲ୍ୟରେ ପଦ୍ମଭୂଷଣ ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ଉଫୁନା କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଟ୍ରଷ୍ଟର ସାଧାରଣ ସମ୍ପାଦକ ତଥା ଉଫୁନାର ସର୍ବଭାରତୀୟ ସଭାପତି ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ କହିଲେ ଯେ, ଡ. ରଥ ଶତାବ୍ଦି ପୁରୁଷ ଥିଲେ । ମୁଖ୍ୟ ବକ୍ତାଭାବେ ଯୋଗଦେଇ ପୂର୍ବତନ ମୁଖ୍ୟଯନ୍ତ୍ରୀ କହିଲେ ଯେ, ଡ. ରଥ କୃଷି ଓ ବୈଷୟୀକ ବିଶ୍ୱ ବିଦ୍ୟାଳୟ ଓ ନନ୍ଦନକାନନ ପ୍ରତିଷ୍ଠା କରିଥିଲେ । ପରିବେଶବିତ ଉପେନ୍ଦ୍ର ରାଉତ କହିଲେ ଯେ, ଡ. ରଥ ତାଙ୍କ ଝିଟିପିଟି କଥା ମାଧ୍ୟମରେ ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ବକ୍ତାମାନେ ଡ. ରଥଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ କବି ବାହାଦୂର ପାଟସାହାଣୀ କହିଲେ ଯେ ଡ. ରଥ ମୁଖ୍ୟମନ୍ତ୍ରୀ ପଦକୁ ପ୍ରତ୍ୟାଖାନ କରିଥିଲେ । ଡ. ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ମିତାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗୋକୁଳ ପଣ୍ଡା, ଚିତ୍ତରଞ୍ଜନ ଶତପଥୀ, ସମାଜବାଦୀ ନେତା ସରୋଜ ଶତପଥୀ, ଲକ୍ଷ୍ମୀଧର ଶତପଥୀ, ବସନ୍ତ ବିଶ୍ୱାଳ, ରୁମେନା ବେଗମ, ଅଧ୍ୟାପକ କ୍ଷୀରୋଦ ନାୟକ, ଦେବପ୍ରସାଦ ମିଶ୍ର, ଇଂ ଡମ୍ବରୁଧର ପଣ୍ଡା ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ ଓ ଆଡଭୋକେଟ ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଇଂ ଅବିନାଶ ଦାସ, ଶ୍ରୀମତୀ ବର୍ଷା ପଟ୍ଟନାୟକ ଓ ବିଚିତ୍ରନନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଓ ବଣଭୋଜି



**ଗଁଦିଆ,୧୨।୨(ସମିସ):** ଗଁଦିଆ ଉଚ୍ଚ ବିଦ୍ୟାଳୟ ୧୯୭୧ ଓ ୭୨ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀମାନଙ୍କର ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ ମହୋତ୍ସବ ଓ ବଣଭୋଜି ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ୭୦ରୁ ଅଧିକ ପୁରାତନ ଛାତ୍ର ବନ୍ଧୁ ଓ ବନ୍ଧୁ ପତ୍ନୀମାନଙ୍କୁ ନେଇ ଏହି ବ୍ୟାଚ୍‌ର ଛାତ୍ର ଅବସରପ୍ରାପ୍ତ ଜଜ୍ ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ଗଁଦିଆ ବ୍ଲକ୍‌ର ଡାଳସିଂହା ମାର୍ଥାପୁର ମା' ଖଣ୍ଡୋଉଣୀ ପୀଠ ନିକଟ ଶାଳବଣରେ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଅଛି । ମହୋତ୍ସବରେ ପୁରାତନ ଛାତ୍ର କର୍ମଯୋଗୀ ଯୋଗୀନାଥ ମହାନ୍ତିଙ୍କୁ ଜିଲ୍ଲାର ତଥା ବାହାରେ ବିଭିନ୍ନ ସାମାଜିକ ସଂଗଠନ/ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ଭାବରେ ଦାୟିତ୍ୱ ସମ୍ପନ୍ନ କରୁଥିବାରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମେଧାବୀ ଛାତ୍ର ଅନନ୍ତ ଚରଣ ଶତପଥୀ, ଶ୍ୟାମସୁନ୍ଦର ସ୍ୱାଇଁ, ଅନନ୍ତ ଚରଣ ନାୟକ ଓ ଗଁଦିଆ ସରପଞ୍ଚ ସୁଲୋଚନା ଜେନା ୨ଥର ଗଁଦିଆର ସରପଞ୍ଚ ଭାବରେ ଏ ଅଞ୍ଚଳର ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବନ୍ଧୁମିଳନରେ ପୁରାତନ ଛାତ୍ର ବିଶ୍ୱନାଥ ଜେନା, ମଙ୍ଗରାଜ ବାରିକ, ଉପେନ୍ଦ୍ର ସ୍ୱାଇଁ, ଗଙ୍ଗାଧର ବେହେରା, ହୃଦାନନ୍ଦ ପ୍ରଧାନ, ମୋହନ ସାହୁ, ପ୍ରାଣବନ୍ଧୁ ସାହୁ, ହୃଦାନନ୍ଦ ପାତ୍ର, ବସନ୍ତ ପରିଡା, ଅକ୍ଷୟ ମହାନ୍ତି, ଦାମୋଦର ସ୍ୱାଇଁ, ବିଜୟ ପାଣି ଓ ଅନ୍ୟ ବନ୍ଧୁମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## 'ଆମ ଓଡିଶା ନିବୀନ ଓଡିଶା' ସଚେତନତା ଶିବିର



**କାମାକ୍ଷାନଗର,୧୨।୨(ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଗଡ଼ପରଜଙ୍ଗ ପଞ୍ଚାୟତ ଠାରେ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଗଡ଼ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସଚେତନତା ଶିବିରକୁ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହୁ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ପରିଷଦ ଉପାଧକ୍ଷା ବିଳାସିନୀ ସେଠୀ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ ଓ ରୁନୁ ବର୍ମା ଯୋଗ ଦେଇଥିଲେ । ଗ୍ରାମାଞ୍ଚଳର ବିକାଶଧାରାକୁ ଆଗେଇବା ସହ କିପରି ଭାବେ ସାଧାରଣ ଲୋକ ସରକାରୀ ଯୋଜନା ବିଷୟରେ ଭଲଭାବେ ବୁଝିପାରିବେ, ତାହା ଏହି ସଚେତନତା ଶିବିରର ମୂଳ ଲକ୍ଷ୍ୟ ଥିବା ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ । ଗଡ଼ପରଜଙ୍ଗ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ତରଫରୁ ମହେଶଚନ୍ଦ୍ର ସୁବହୁସିଂହ ଉଚ୍ଚ ବିଦ୍ୟାଳୟର ରୂପାନ୍ତିକରଣ, ନୂତନ ଡାକ୍ତରଖାନା ନିର୍ମାଣ, ରାସ୍ତାନିର୍ମାଣ, ନୂତନ ଭାବେ ରାସନକାର୍ଡ ହିତାଧିକାରୀ, ମମତା ଯୋଜନା ହିତାଧିକାରୀ, ସାମାଜିକ ଭତ୍ତା ହିତାଧିକାରୀ ଯୋଜନା ମାଧ୍ୟମରେ ସରକାରଙ୍କ ତରଫରୁ କରାଯାଇଛି । ଏସବୁ ଯୋଜନାରୁ ଯେମିତି କେହି ବଞ୍ଚିତ ନହୁଅନ୍ତି ସେଥିପାଇଁ ଲୋକଙ୍କୁ ସଚେତନ କରାଯାଇ ବିଭିନ୍ନ ଯୋଜନା ମାଧ୍ୟମରେ ଉପକୃତ କରାଯିବା ନେଇ ବିଧାୟକ କହିଥିଲେ ।

## ସାତକଡ଼ି ହୋତାଙ୍କ ପରଲୋକରେ ସାଂସଦଙ୍କ ଶୋକ

**ଢେଙ୍କନାଳ,୧୨।୨(ସମିସ):** ବିଶିଷ୍ଟ ସାହିତ୍ୟିକ ତଥା ସାହିତ୍ୟ ସଂଗଠକ ସାତକଡି ହୋତାଙ୍କର ପରଲୋକରେ ଢେଙ୍କାନାଳ ସାଂସଦ ମହେଶ ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ହୃଦୟବାନ ବ୍ୟକ୍ତି ଥିଲେ । ସେ ସମୟରେ ଜଣେ ଛାତ୍ର ନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ପ୍ରଥମେ ଓଡିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭାରତୀୟ ରେଳବାଇ ସେବାରେ ଯୋଗ ଦେଇଥିଲେ । ୯୫ ବର୍ଷ ବୟସରେ ଚଳଚଞ୍ଚଳ ଥାଇ ବିଭିନ୍ନ ସାହିତ୍ୟ ସଂଗଠନ କରିବା ଓ ସଭାସମିତିରେ ସାହିତ୍ୟ ଚର୍ଚ୍ଚା ସହ ସାହିତ୍ୟ ସୃଷ୍ଟିରେ ସମୟ କଟାଉଥିଲେ । ତାଙ୍କ ମୃତ୍ୟୁରେ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ସାଂସଦ କହିଛନ୍ତି । ଏହି ଦୁଃଖଦ ସମୟରେ ତାଙ୍କ ପରିବାର ବର୍ଗଙ୍କୁ ପ୍ରଭୁ ଶ୍ରୀ ଜଗନ୍ନାଥ ସହାୟ ହୁଅନ୍ତୁ ବୋଲି ସାଂସଦ ପ୍ରାର୍ଥନା କରିଛନ୍ତି ।

## ଦୁଇ ପଞ୍ଚାୟତରେ ସଚେତନତା ଶିବିର

**କାମାକ୍ଷାନଗର,୧୨।୨(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ଦୁଇଟି ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନ ବ୍ଲକ ଅନ୍ତର୍ଗତ ଧଳପଡା ଏବଂ ଓଡିଶ ପଞ୍ଚାୟତ ପକ୍ଷରୁ ଉଭୟ ପଞ୍ଚାୟତ ପରିସରରେ ସଚେତନତା କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଥିଲା । ଆମ୍ବ ସଭାପତି ସୁଧାକାର ସାହୁ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମୂଖ୍ୟଅତିଥି ଭାବେ ଖଣି ଇସ୍ପାତ ଏବଂ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ରମେଶ ସାହୁ, ବ୍ଲକ ଅଧକ୍ଷା ସିପ୍ରା ବରାଳ , ବିଡିଓ କଲ୍ୟାଣ ସୌରଭ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ଧଳପଡା ସରପଞ୍ଚ ଶ୍ରୀନିବାସ ବେହେରା, ଓଡିଶ ସରପଞ୍ଚ ମୋହନ ମହାନ୍ତଙ୍କ ସମେତ ଶତାଧିକ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ । ରାଜ୍ୟସରକାରଙ୍କ ତରଫରୁ ପଞ୍ଚାୟତସ୍ତରରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ତାହା ଏହି ଶିବିରରେ ପଞ୍ଚାୟତ ବୁକଲେଟ ଉନ୍ମୋଚନ କରିଛନ୍ତି । ରାଜ୍ୟସରକାରଙ୍କ ଜନ୍ମଠାରୁ ମୃତ୍ୟୁ ୧୮୦ଟି ଯୋଜନା କିଭଳି ସହଜରେ ଲୋକମାନେ ଉପକୃତ ହେବେ ତାହା ଏହି ସଚେତନ ଶିବିରର ମୂଳ ଲକ୍ଷ ବୋଲି ଜିଲ୍ଲାପରିଷଦ ସଭ୍ୟ ରମେଶ ସାହୁ ଜଣାଇଛନ୍ତି ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ଢେଙ୍କାନାଳ,୧୨।୨(ସମିସ):** ଢେଙ୍କାନାଳ ଜିଲ୍ଲାର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପୂର୍ବତନ ଶିକ୍ଷକ ଈଶ୍ୱର ଚନ୍ଦ୍ର ମହାପାତ୍ରଙ୍କ ପରଲୋକ ଘଟିଛି । ସେ ବକ୍ତୃତା, ଗଳ୍ପ, ପ୍ରବନ୍ଧ, ଇତ୍ୟାଦି କ୍ଷେତ୍ରରେ ଦକ୍ଷତା ହାସଲ କରିଥିଲେ । ସେଥିପାଇଁ ସ୍ୱର୍ଗତ ମହାପାତ୍ରଙ୍କୁ ରାଷ୍ଟ୍ରପତି ପୁରସ୍କାର ସହ ତତ୍‌କାଳୀନ ଓଡିଶା ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ଓ କବି ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ । ସ୍ୱର୍ଗତ ଗଙ୍ଗାଧର ପଣ୍ଡା ଓ ସ୍ୱର୍ଗତ ଗଣେଶ୍ୱର ପଣ୍ଡାଙ୍କ ଅନୁରୋଧ କ୍ରମେ ସାନ୍ଧା ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣ୍ଠ ଶିକ୍ଷକ ଭାବରେ ଯୋଗଦେଇ ଶିକ୍ଷାଦାନ ଦେଉଥିଲେ । ପରଜଙ୍ଗ ବ୍ଲକ ସାଆନ୍ଧା ପଞ୍ଚାୟତ ଅନ୍ତର୍ଗତ ସରବେରେଣୀ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା । ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ମହାପାତ୍ରଙ୍କ ଦେହାନ୍ତ ଖବର ପାଇ ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହୁ, ଯୁବନେତା ଅସିତ ରାୟ ଚୌଧୁରୀ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା ପ୍ରମୁଖ ଶୋକ ପ୍ରକାଶ କରିବା ସହ ପରଜଙ୍ଗ ଅଞ୍ଚଳ ଜଣେ ବାଗ୍ମୀ, ଉତ୍ତମଶିକ୍ଷକ, ସୁ-ସାହିତ୍ୟିକଙ୍କୁ ହରାଇଲା ବୋଲି କହିଛନ୍ତି ।

## ଭରତିଆପାଳ ଜୁଆଙ୍ଗ ସାହିକୁ ବିଜୁଳି ସଂଯୋଗ ଦାବି



**ଢେଙ୍କାନାଳ,୧୨।୨(ସମିସ):** ସଦର ବ୍ଲକ ଚନ୍ଦ୍ରଶେଖରପ୍ରସାଦ ପଞ୍ଚାୟତ ଭରତିଆପାଳ ଜୁଆଙ୍ଗ ସାହିକୁ ବିଦ୍ୟୁତ୍ ସଂଯୋଗ ପାଇଁ ସାହି ବାସିନ୍ଦାମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ନିବେଦନ କରିଛନ୍ତି । ସ୍ୱାଧୀନତାର ୭୬ବର୍ଷ ପୂର୍ବରୁ ଭରତିଆପାଳ ଜୁଆଙ୍ଗ ସାହି ରହିଥିଲେ ମଧ ବର୍ତ୍ତମାନ ସୁଦ୍ଧା ସାହିବାସିନ୍ଦା ବିଜୁଳି ସଂଯୋଗ ପାଇପାରିଲେ ନାହିଁ । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅବହେଳିତ ହୋଇ ରହିଥିବା ଜୁଆଙ୍ଗ ସାହିର ଲୋକମାନଙ୍କୁ ବିଜୁଳି ସଂଯୋଗ ଦେବାକୁ ସାହିର ମହିଳା ପୁରୁଷ ମାନେ ଲିଖିତ ଭାବରେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

## ନିଶ୍ୱାର୍ଡ ପକ୍ଷରୁ ପ୍ରଥମ ସାଂସ୍କୃତିକ ମହୋତ୍ସବ

**ଢେଙ୍କନାଳ,୧୨।୨(ସମିସ):** ସଦର ବ୍ଲକ୍ ଅନ୍ତର୍ଗତ ବାରଦା ଗ୍ରାମଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ପକ୍ଷରୁ ପ୍ରଥମ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । ମହିଳା ସଂକୀର୍ତ୍ତନ ମଣ୍ଡଳୀ, ନୃତ୍ୟ, ସଙ୍ଗୀତ ଓ ଜ୍ଞାନର ପ୍ରତିଭାର କଳାକାରମାନଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କ ପ୍ରତିଭାକୁ ରାଜ୍ୟ ତଥା ଦେଶବିଦେଶରେ ଉପସ୍ଥାପନ କରିବା ଏକମାତ୍ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପ୍ରତିଶ୍ରୁତିବଦ୍ଧ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ଉପସ୍ଥାପନା କରିଥିଲେ । ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବାରଦା ସରପଞ୍ଚ ଦୀପାଞ୍ଜଳି ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସରୋଜ କୁମାର ଶତପଥୀ, ସମିତିସଭ୍ୟା ସରିତା ସ୍ୱାଇଁ, ଲଚ୍ଛମନ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସଂଧାରାଣୀ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାଚରଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ କଳା ଓ ଅନୁଷ୍ଠାନର କଳାକାରମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ପୁଷ୍ପଲତା ସାମଲ, ବିଚିତ୍ର ସ୍ୱାଇଁ, ମମତା ରାଜ, ସୋମବାରୀ ସେଠୀ, ଇନ୍ଦ୍ରଜିତ୍ ମହାରଣା, ସସ୍ମିତା ଦାସ ଓ ସଞ୍ଜୟ ନାୟକ ଉପସ୍ଥିତ ଥିଲେ ଏବଂ ବାରଦା, ଗେଙ୍ଗୁଟିଆ, ସଦାଶିବପୁର, ସିମିନଇ ଓ ଗଦାଶିଳା ଗ୍ରାମପଞ୍ଚାୟତ ତରଫରୁ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ସ୍ୱାଇଁ ପରିଚାଳନା କରିଥିଲେ । ପରିଶେଷରେ ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଉଁଶପୋଖରୀ ପଞ୍ଚାୟତରେ ସଚେତନତା ଶିବିର



**ହିନ୍ଦୋଳ,୧୨।୨(ସମିସ):** ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୋ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ୨ନମ୍ବର୍ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିବାବେଳେ ବାଉଁଶପୋଖରୀ ସରପଞ୍ଚ ରଞ୍ଜିତ ପ୍ରଧାନ ପୌରୋହିତ୍ୟ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ନାଏବ ସରପଞ୍ଚ ଘଣ୍ଟି ନାଏକ, କନ୍ତାମିଲା ସରପଞ୍ଚ ସୁନନ୍ଦା ଅମାନ୍ତଙ୍କ, ବିଜେଡି ଜିଲ୍ଲା ସମ୍ପାଦକ ତଥା ସାମ୍ବାଦିକ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ପଞ୍ଚାୟତର ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି, ଛାତ୍ରଛାତ୍ରୀ, ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ମୁଖ୍ୟଅତିଥି ସୁମନ୍ତ ଦେହୁରୀ ଓ ସରପଞ୍ଚ ରଂଜିତ ପ୍ରଧାନ ଅବଗତ କରାଇଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁସ୍ତିକା ମାଧ୍ୟମରେ ସଚେତନତା କରାଯାଇଥିଲା । ବାଉଁଶପୋଖରୀ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ୧୮ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ୧ହଜାର ୧୫୮ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ, ୧ହଜାର ୩ ଗରୀବ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ,୬୫୪ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଏବଂ ୮୪୫ ଗର୍ଭବତୀଙ୍କୁ ମମତା ଯୋଜନା ମାଧ୍ୟମରେ ସହାୟତା ରାଶି ଭଳି ଅନେକ ଯୋଜନାରେ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକୁ ଲୋକଲୋଚନକୁ ଅଣାଯାଇ ଅବଗତ କରାଯାଇଥିଲା । ପଞ୍ଚାୟତରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ତଥା ବାଉଁଶପୋଖରୀ ଠାରେ ଆଡ଼ିବନ୍ଧ ନିର୍ମାଣ, ପଶୁ ଚିକିତ୍ସାଳୟର ଉନ୍ନତିକରଣ, ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର,ବରଡାପାଳ ଠାରେ ହେଇଥିବା ଅମୃତ ସରୋବର, ବାଉଁଶପୋଖରୀ ଗ୍ରା.ପ ସରକାରୀ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ, ମିଶନଶକ୍ତି ଗୃହ ଏବଂ ଗୋଷ୍ଠୀ ଶୌଚାଳୟ ନିର୍ମାଣ, ଆମ ବ୍ୟାଙ୍କ୍ ଗୃହ ନିର୍ମାଣ ଇତ୍ୟାଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଲୋକମାନଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଏବଂ ନାଚ ଗୀତରେ ଦର୍ଶକ ଝୁମିବା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଥିଲା ।

## ଜାତୀୟ କୃମିନାଶକ ଦିବସ ଉଦ୍‌ଘାଟିତ

# ୩. ୯ ଲକ୍ଷ ଶିଶୁଙ୍କୁ ଦିଆଯିବ ବଟିକା

**ଢେଙ୍କାନାଳ,୧୨।୨(ସମିସ):**




ସହର ନିକଟସ୍ଥିତ କାଠଗଡା ଆଶ୍ରମ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜାତୀୟ କୃମିନାଶକ ଦିବସ ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ କର୍ମଶାଳାରେ ଯୋଗଦେଇ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନଙ୍କୁ ଜାତୀୟ କୃମି ନାଶକ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ତଥା ସାମୂହିକ କୃମିନାଶକ ଔଷଧ ସେବନ ଉପରେ ଆଲୋକପାତ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ସୋନାଲୀ ପ୍ରୀୟଦର୍ଶନୀ ଯୋଗଦେଇ ଚଳିତ ମାସରେ ଜିଲ୍ଲାର ମୋଟ ୩ଲକ୍ଷ ୯ ହଜାର ୯୯୧ଜଣ ପିଲା ଏବଂ ୪୭ ହଜାର ୬୮୬ ମହିଳାଙ୍କୁ କୃମି ନାଶକ ଔଷଧ ସେବନ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଥିଲେ । ଜିଲ୍ଲାପାଳ ନିଜେ ଏହି କୃମି ନାଶକ ଔଷଧ ପିଲାମାନଙ୍କୁ ଖୁଆଇ ଔଷଧ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଦିଲ୍ଲିପ କୁମାର ବିଶ୍ୱାଳ ଯୋଗଦେଇ ଚଳିତ ମାସର ୧୦ ଓ ୧୭ ତାରିଖଦିନ ଏକ ବର୍ଷରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ମାଗଣାରେ କୃମିନାଶକ ଔଷଧ ଦିଆଯିବା ସହିତ ଅଣପଞ୍ଜିକୃତ,ବିଦ୍ୟାଳୟ ବାହାରେ ଥିବା ପିଲା ଓ ୨୦ରୁ ୨୪ବର୍ଷ ବୟସ୍କ ମହିଳା ମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ମାଗଣାରେ ଔଷଧ ମିଳିପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡକ୍ଟର ନୀଳମଣି ଦିଲ୍ଲିପ ଚାନ୍ଦ ବେହେରା, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭାରତୀ ପଣ୍ଡା, ଡିଏମଆରସିଏଚ ସଂଗ୍ରାମ ଷଡଙ୍ଗୀ, ଡିଭିଏଲଏମ ତ୍ରିଲୋଚନ ପରିଡା, ଆଇସିଏ ରାଜା ରଣେନ୍ଦ୍ରପ୍ରତାପ ସ୍ୱାଇଁ,ଏପିଏମ ଇପ୍ସିତା ମିଶ୍ରଙ୍କ ସହିତ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ଏଏନଏମ , ଆଶା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । କୃମି ନାଶକ ଔଷଧ ବଣ୍ଟନ ପାଇଁଜିଲ୍ଲାର ୧୭୩ଜଣ ସ୍ୱାସ୍ଥ୍ୟକର୍ମୀ,୧ ହଜାର ୧୬୮ଜଣ ଆଶାକର୍ମୀ ଏବଂ୨ ହଜାର ୩୨୨ଜଣ ଅଙ୍ଗନୱାଡି କର୍ମୀ ନିୟୋଜିତ କରାଯାଇଛି ।

# ଗାଇ ଚୋରି କରି ଜେଲ ଗଲେ ଦୁଇ ଅଭିଯୁକ୍ତ



**ଜଗତସିଂହପୁର,୧୨।୨(ସମିସ ):** ଗାଇକୁ ଗୋମାତା ଭାବରେ ପୂଜା କରାଯାଉଥିବା ବେଳେ ଆଜି ଦୁଇ ଗାଇ ଚୋର ଜନୈକ ମୁସଲମାନ ବ୍ୟକ୍ତିଙ୍କ ଗାଇ ଚୋରି କରି ଗିରଫ ହୋଇ ଜେଲ ଯିବା ଘଟଣା ଜଗତସିଂହପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାରୁ ପ୍ରକାଶ, ଗତ ୧୦ ତାରିଖ ଶନିବାର ଦିନ ଜଗତସିଂହପୁର ଥାନା ଅନ୍ତର୍ଗତ ଦେଉଳି ଗ୍ରାମେଶ୍ୱର ଗ୍ରାମର ସେଖ ଜାବରଙ୍କ ପୁଅ ସେକ ସାଜିଦ ପ୍ରତିଦିନ ପରି ନିଜ ଗାଇକୁ ଚରିବାକୁ ବିଲରେ ବାନ୍ଧିଦେଇ ଆସିଥିଲେ। ବହୁ ଖୋଜା ଖୋଜି ପରେ ମଧ୍ୟ ଏହି ଗାଇ ଦେଖିବାକୁ ମିଳିନଥିଲା। ତରଡାପଡା ଗ୍ରାମର ବାବଜୀ ଦାସଙ୍କପୁଅ ଗଗନ ଦାସ(୪୦) ଓ ବେନୁପୁର ଗ୍ରାମର ନିରଞ୍ଜନ ବହିରାଙ୍କ ପୁଅ ପ୍ରଶାନ୍ତ (୩୦) ସାଜିଦଙ୍କ ଗାଇକୁ ଚୋରିକରି ଏକ ଟାଟା ପିକପ ଭ୍ୟାନରେ ନେଇ ବିକି ଦେଇଥିବା ଜାଣିବାକୁ ପାଇଥିଲେ। ଏ ବାବଦରେ ଜଗତସିଂହପୁର ଥାନାରେ ଏତଲା ହେବାପରେ ଏସଆଇ ବସନ୍ତ ରଞ୍ଜନ ରାୟ ତଦନ୍ତକରି ଜଗତସିଂହପୁର ଥାନା କେସ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫକରିବା ସହିତ ଚୋରିହୋଇଥିବା ଗାଇ ଉଦ୍ଧାର କରିଥିଲେ। ଏହି ଗାଇକୁ ତାର ମାଲିକ ସେକ ସାଜିଦକୁ ପୁଲିସ ଜିମା ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଟାଟାଏସି ଗାଡିକୁ ପୁଲିସ ଜବତ କରିବା ସହିତ ତଦନ୍ତ ଜାରି ରଖିଛି।

## ମହିଳାଙ୍କ ଆମ୍ତହତ୍ୟା

**ପାରାଦୀପ, ୧୨।୨ (ସମିସ) :** ପାରାଦୀପଗଡ ଗ୍ରାମରେ ପୁଷ୍ପଲତା ମହାନ୍ତି (୫୫) ନାମକ ଜଣେ ମହିଳା ଆମ୍ତହତ୍ୟ କରିଛନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ମହିଳା ଜଣକ ବେକରେ ରଶି ଲଗାଇ ଦେଇଥିଲେ।ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନେବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଲକଥାନା ପୁଲସ ପହଞ୍ଚି ଶବ କୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।ଆମ୍ତହତ୍ୟାର କାରଣ ଜଣା ପଡ଼ିନାହିଁ।ଲକ ଥାନା ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ସତ୍ୟତା ଜଣାପଡିବ ବୋଲି ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି।

## ଜରାଶ୍ରମରେ ବୃଦ୍ଧାଙ୍କ ଦେହାନ୍ତ

**ପାରାଦୀପ,୧୨।୨ (ସମିସ) :** ପାରାଦୀପ ଉପକଣ୍ଠରେ ରହିଥିବା ସାଇ ସେବା ଜରାଶ୍ରମରେ ଆଜି ସନ୍ଧ୍ୟାରେ ଜଣେ ବୃଦ୍ଧା ମହିଳାଙ୍କ ପରଲୋକ ଘଟିଛି। ମୃତ ବୃଦ୍ଧା ମହିଳାଙ୍କ ନାମ ଜାମିନୀ ରଣା ଓ ତାଙ୍କର ଘର ଭୁତମୁଣ୍ଡାଇରେ ହୋଇଥିବା ବେଳେ ସେ ଦୀର୍ଘ ୪ ବର୍ଷ ହେବ ଏହି ଜରାଶ୍ରମରେ ରହି ଆସୁଥିଲେ।ଆଜି ସନ୍ଧ୍ୟା ୬ ଟାରେ ତାଙ୍କର ୮୦ ବର୍ଷ ବୟସରେ ମୃତ୍ୟୁ ହୋଇଯାଇଛି।ଜରାଶ୍ରମର ଅନ୍ତେବାସୀ ମାନେ ତାଙ୍କର ଶେଷ ଦର୍ଶନ କରିଥିଲେ।ଜରାଶ୍ରମ ପକ୍ଷରୁ ତାଙ୍କ ଶବ ସତ୍କାର ସହ ଶୁଦ୍ଧିକ୍ରିୟା କାର୍ଯ୍ୟ କରାଯିବ ବୋଲି ଜଣାପଡିଛି।

## ସ୍କୁଟି-ବାଇକ୍ ମୁହାଁମୁହିଁ ଧକ୍କା, ଦୁଇ ଆହତ

**ପାରାଦୀପ,୧୨।୨ (ସମିସ):** ଆଜି ଅପରାହ୍ନରେ କଟକ-ପାରାଦୀପ ରାସ୍ତାର ଚଉରା ଗଡାନିକଟରେ ପାରାଦୀପ ପଟୁ ଆସୁଥିବା ବାଇକ ନିଜର ଭାରସାମ୍ୟ ହରାଇ ସମ୍ମୁଖରେ ଆସୁଥିବା ଏକ ସ୍କୁଟି ସହିତ ଧକ୍କା ଦେଇଥିଲା।ଫଳରେ ସ୍କୁଟି ଚାଳକ ଓ ବାଇକ ଆରୋହୀ ଦୁଇଜଣ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଠରବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଆହତମାନଙ୍କ ପରିଚୟ ମିଳିପାରିନାହିଁ। ଦୁଇ ଜଣ ଗୁରୁତର ଥିବାରୁ ତାଙ୍କୁ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି।

## ଧର୍ମପ୍ରାଣ ମହିଳାଙ୍କ ଅକାଳ ବିୟୋଗ



**ବାଲିକୁଦା, ୧୨।୨ (ସମିସ) :** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧିନ ବାଲିସାହି ଗ୍ରାମର ସୁରେନ୍ଦ୍ର ନାୟକଙ୍କ ଧର୍ମପତ୍ନୀ ସୁଲୋଚନା ନାୟକଙ୍କର (୫୨) ଅକାଳ ବିୟୋଗ ଘଟିଛି।ଦିବଙ୍ଗତ ସୁଲୋଚନା ନାୟକ ଥିଲେ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସକାଳ ଖବରକାଗଜର ପାରାଦୀପ ପ୍ରତିନିଧି ସୁରେନ୍ଦ୍ର ବିଶ୍ୱାଳ ଙ୍କ ଭଉଣୀ। ତାଙ୍କ ମୃତ୍ୟୁ ରେ ବାଲିସାହି ଗ୍ରାମ ଓ ବାଲିସାହି ସତସଙ୍ଗ ବିହାରର ଗୁରୁଭାଇ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।ହଠାତ ତାଙ୍କର ଅସୁସ୍ଥତା ଯୋଗୁଁ ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା।ଗତ ୫ ତାରିଖ ସୋମବାର ମଧ୍ୟାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଛି।ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ଶିଶିର, ସୁଧୀର, ଭାଇ ସୁରେନ୍ଦ୍ର, ସୁବାସ, ସ୍ୱାମୀ ସୁରେନ୍ଦ୍ର ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ନିଜ ଗ୍ରାମକୁ ଅଣାଯାଇ ଶେଷ ଦର୍ଶନ ପରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୩୦ଟି ଅଭିଯୋଗର ତତ୍କାଳ ଫଇସଲା

**ଜଗତସିଂହପୁର/ଏରସମା, ୧୨।୨(ସମିସ):**



ଜଗତସିଂହପୁରଜିଲ୍ଲାପ୍ରଶାସନପକ୍ଷରୁଯୁଗ୍ମଜନଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୨୩୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିୟ ୨୨୩ଗୋଟି ଅଭିଯୋଗ, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ,ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ କାର୍ଡ ସମସ୍ୟା ସମ୍ପର୍କୀୟ ୧୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩୨ଟି, ଭତ୍ତା ପାଇବା ପାଇଁ ୧୪ଟି ,ପୁଲିସ ସହାୟତା ପାଇବା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୩୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର, ମୁଖ୍ୟ ବିକାଶ-ତଥା- ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ରବିନାରାୟଣ ଜେନା,ଉପ-ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ,ତିର୍ତ୍ତୋଲ ଚିନ୍ମୟ ରାଉତ,ଏରସମା ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ମହାପାତ୍ର,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଏରସମା ଲମ୍ବୋଦର ଖୁଣ୍ଟିଆ, ତହସିଲଦାର,ଏରସମା ଦେବୀ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ।

■ ପାରାଦୀପରେ ୨୨୦କୋଟିର କୋକେନ୍ ଜବତ ଘଟଣାରେ କୋର୍ଟଙ୍କ ସର୍ତ୍ତ

# ୧୧୦ କୋଟି ଦେଇ ଜାହାଜ ନିଅ

**ଭୁବନେଶ୍ୱର,୧୨।୨ (ସମିସ):** ପାରାଦୀପ ବନ୍ଦରରେ ଲାଗିଥିବା ଏକ ଜାହାଜରୁ ୨୨୦ କୋଟି ଟଙ୍କାର କୋକେନ୍ ଜବତ ହେବା ଘଟଣାରେ କୋର୍ଟ କଡ଼ା ପଦକ୍ଷେପ ନେଇଛନ୍ତି। ଜାହାଜ ଏମ୍‌ଭି ଦେବୀ ପାନାମା'କୁ ମୁକ୍ତ କରିବା ପାଇଁ ଗତ କିଛି ଦିନ ତଳେ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଏହି ଆବେଦନର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୁଜଙ୍ଗ ଏନ୍‌ଡିପିଏସ୍ କୋର୍ଟ ଶୁଣାଣି କରି ଜାହାଜକୁ ମୁକ୍ତ କରିବା ପାଇଁ କିଛି ସର୍ତ୍ତ ରଖିଛନ୍ତି। ଶହେ କୋଟିର ବଣ୍ଡ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ, ୧୦ କୋଟିର ବ୍ୟାଙ୍କ୍ ଗ୍ୟାରେଣ୍ଟି ଦାଖଲ କରିବାକୁ ସର୍ତ୍ତ ରଖିଛନ୍ତି କୋର୍ଟ। ଏହି ସବୁ ଦେବା ପରେ ଜାହାଜକୁ ମୁକ୍ତ କରାଯିବ ବୋଲି କୋର୍ଟ ଅନୁମତି ଦେଇଛନ୍ତି।

ସୂଚନା ଅନୁସାରେ, ନଭେମ୍ବର ୩୦ରେ ପାରାଦୀ ବନ୍ଦରରେ ଲାଗିଥିବା ଏହି ଜାହାଜରୁ ୨୨୦କୋଟି ଟଙ୍କାର କୋକେନ୍ ଜବତ କରାଯାଇଥିଲା। ଜାହାଜର ଚାମ୍ବରରେ ୨୨ଟି ପ୍ୟାକେଟ୍‌ରୁ ୨୦କେଜିରୁ ଉର୍ଦ୍ଧ୍ୱ କୋକେନ୍ ରହିଥିଲା। ଏନେଇ କଷ୍ଟମ ବିଭାଗ ଏନ୍‌ଡିପିଏସ୍‌ରେ ମାମଲା ରୁଜୁ କରି ତଦନ୍ତ କରି ଜାହାଜକୁ ଜବତ କରିଥିଲା। ଇଜିପ୍ଟରୁ ଜାହାଜଟି ଇଣ୍ଡୋନେସିଆର ଗ୍ରେସିକ ବନ୍ଦରକୁ ଯାଇଥିଲା। ପରେ



ସେଠାରୁ ଏହି ଜାହାଜଟି ନଭେମ୍ବର ୨୨ ତାରିଖରେ ପାରାଦୀପ ବନ୍ଦରରେ ଲାଗିଥିଲା। ପାରାଦୀପରୁ ଷ୍ଟିଲ ପ୍ଲେଟ ନେଇ ଏହି ଜାହାଜ ଡେନ୍‌ମାର୍କ ଯାଇଥାନ୍ତା। ଷ୍ଟିଲ ପ୍ଲେଟ ଲୋଡ୍ କରୁଥିବା ବେଳେ କ୍ରେନ୍ ଅପରେଟର୍ ଜାହାଜରେ କିଛି ପ୍ଲାଷ୍ଟିକ୍ ପ୍ୟାକେଟ ସନ୍ଦିଗ୍ଧ ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ। ଏଥିରେ ବିସ୍ଫୋରକ୍ ସାମଗ୍ରୀ ଥିବା ସନ୍ଦେହ କରି ଏନେଇ ସେ ବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହାପରେ ଉକ୍ତ ଜାହାଜରେ କିଛି ବିସ୍ଫୋରକ ପଦାର୍ଥ ବା ବୋମା ଥିବା ଖବର ପ୍ରଚାରିତ ହେଲା। ଗତ ବିଳମ୍ବିତ ରାତିରେ ସିଆଇଏସ୍‌ଏଫ, ପାରାଦୀପ ପୁଲିସ୍, ଡଗ୍ ସ୍କ୍ୱାଡ୍ ଓ କଷ୍ଟମସ ବିଭାଗ ଅଧିକାରୀ ପହଞ୍ଚିଥିଲେ। ସେମାନେ ସ୍କାନରରେ ଯାଞ୍ଚ କରିବା ପରେ ତାହା ବୋମା ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। ଏହାପରେ ଜାହାଜକୁ ତନ୍ନତନ୍ନ କରି ଯାଞ୍ଚ କରାଯିବାରୁ ୨୨ଟି କୋକେନ୍ ପ୍ୟାକେଟ୍ ମିଳିଥିଲା। ପ୍ରଥମେ ୮ ଟି ପ୍ୟାକେଟ୍ ମିଳିଥିବା ବେଳେ ପରେ ୧୪ଟି ପ୍ୟାକେଟ୍ ପାଇଥିଲେ ଯାଞ୍ଚ କରୁଥିବା ଅଧିକାରୀ। ଜାହାଜର ମାଲିକ ଭିଏତ୍‌ନାମର ହୋଇଥିବା ବେଳେ ଜାହାଜଟି ପାନାମାରେ ପଞ୍ଜୀକରଣ ହୋଇଛି। ଜାହାଜରେ କାମ କରୁଥିବା ୨୧ଭିତଏତ ନାମା କର୍ମଚାରୀଙ୍କୁ ମଧ୍ୟ ଏନେଇ ପଚରାଉଚରା କରାଯାଇଥିଲା।

## ଗୋପାଳପୁର(ସ) ଓ କୋଷ୍ଟିମଲ୍ଲିକାପୁରରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର




**ତିର୍ତ୍ତୋଲ/ମଣିଜଙ୍ଗା, ୧୨।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର-ସଙ୍ଖେସର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟସରକାରଙ୍କ 'ଆମ ଓଡିଶା ନବୀନ ଓଡିଶା' ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ସରପଞ୍ଚଆରତୀ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ମୁଖ୍ୟବକ୍ତା କର୍ମଚାରୀ ସଂଘ ନେତା ପ୍ରଭାତ ମହାନ୍ତି,ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସିଂ, ସ୍ଥାନୀୟ ସମିତି ସଭ୍ୟା ପଦ୍ମିନୀ ମାହାଳି, କନିମୂଳ ସମିତି ସଭ୍ୟ ବସନ୍ତ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ବାରିକ, ପୂର୍ବତନ ସରପଞ୍ଚ ନିଳୁଚରଣ ଜେନା, ସଙ୍ଗଠକ ପ୍ରଭାସ ସାହୁ, ପ୍ରଭାସ ବେହେରା, ଏବିଡିଓ ସତ୍ୟଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ରାମାୟଣୀ ପଣ୍ଡିତ ଅଭୟ ଦାଶ, ଏମବିକେ ପରିଣିତା ମହାପାତ୍ର, ପିଇଓ ଲକ୍ଷ୍ମୀଧର ଦାସ, ଜିଆରଏସ ସୁଧୀରକାନ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପାଲା ମାଧ୍ୟମରେ ରାଜ୍ୟସରକାରଙ୍କ ଲକ୍ଷ୍ମୀବସ, ମମତା, ବିଦ୍ୟାଳୟ ରୂପାନ୍ତରିତ, ବିଜୁ ସ୍ୱାସ୍ଥ୍ୟ କାର୍ଡ ସମେତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରତିଭାଧର ବ୍ୟକ୍ତି ବିଶେଷ ଓ କୃତିଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଜନହିତକର ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ସେହିପରି କୋଷ୍ଟିମଲିକାପୁର ପଞ୍ଚାୟତର ଚିନାପଡା ଠାରେ ସରପଞ୍ଚବିଭୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀ ବେହେରା, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ଯୁବ ସଙ୍ଗଠକ ଜ୍ଞାନରଞ୍ଜନ ନନ୍ଦ, ସମିତି ସଭ୍ୟ ରାଜଲକ୍ଷ୍ମୀ ମଲ୍ଲିକ, ବିଡିଓ ତପନ କୁମାର ସେନାପତି, ଏବିଡିଓ ସତ୍ୟଜିତ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶୀଲ କୁମାର କୁଅଁର, ଯୁବ ନେତା ସୁମିତ ଦାସ, କଳାକାର ସଂଘ ଉପସଭାପତି ଶିଶିର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନ କାର୍ଯ୍ୟକ୍ରମ



**ନାଉଗାଁ,୧୨।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ଓ କୋରୁଅ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ମୋ ଓଡିଶା ନବୀନ୍ ଓଡିଶାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ପଞ୍ଚାୟତର ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ଓ ଲକ୍ଷ୍ମଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ପପୁ ରଞ୍ଜନ ମଲ୍ଲିକ, ବିଜୟ କୁମାର ବେହେରା, ସୁକାନ୍ତ କୁମାର ଲେଙ୍କା, କୃପାସିନ୍ଧୁ ଦାସ, ତିରୁଣା ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ପରିଡା, ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ନୃତ୍ୟ ଓ ଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏଥିସହିତ ରାଜ୍ୟ ସରକାରଙ୍କ ଏହି ଉନ୍ନୟନମୂଳକ ଯୋଜନା ଗୁଡିକ କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

## ମଙ୍ଗୁଳି ସମବାୟ ସମିତିରେ ପ୍ରଥମକରି ଖୋଲିଲା ମାଣ୍ଡିଆ ମଣ୍ଡି




**ବିରିଡି,୧୨।୨(ସମିସ):** ସୋମବାରଦିନ ମଙ୍ଗୁଳି କୃଷି ସେବା ସମବାୟ ସମିତିରେ ମାଣ୍ଡିଆ ମଣ୍ଡି ଖୋଲା ଯାଇଛି । ମଙ୍ଗୁଳି ସମବାୟ ସମିତିର ସମ୍ପାଦକ ବିଜୟପ୍ରସନ୍ନ ଦାସଙ୍କ ପରିଚାଳନାରେ ଆୟୋଜିତ ମଣ୍ଡି ଉତ୍ସବକୁ ଡ଼ିଏସଡ଼ବ୍ଲୁଓ ରବୀନ୍ଦ୍ର ନାଥ ପାଲ, ସିଡିଓ ସଞ୍ଜୀବ ମୁଦୁଲି, ଆରଏମସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ,ଜିଲ୍ଲା ମିଲେଟ ମିଶନ ଅଧିକାରୀ ସମଲେଇପ୍ରସାଦ ପରିଡା, ଡିପିସି ସ୍ୱରାଜ ପ୍ରୀତି ଦାସ, ବ୍ଲକ କୃଷି ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ, ଯୋଗଦେଇ ଫିତାକାଟି ମଣ୍ଡିକୁ ଉଦଘାଟନ କରିଥିଲେ । ପରେ ଏଫଏ ଗୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପରୋକ୍ତ ଅତିଥିମାନେ ନିଜର ଅଭିଭାଷଣ ରଖି ରାଜ୍ୟସରକାର ମିଲେଟ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷପାଇଁ ଦେଉଥିବା ପ୍ରୋତ୍ସାହନ ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାର ପ୍ରଥମକରି ବିରିଡି ବ୍ଲକ ୨୨ମୌଜାରେ ମାଣ୍ଡିଆ କରାଯାଇ ବେଶ ସଫଳତା ହାସଲ କରିଥିବାରୁ ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ଶ୍ରେୟ ଦିଆଯାଇଥିଲା। ଆଜି ୧୪ଜଣ ଚାଷୀ ଙ୍କ ଠାରୁ ୬୦କୁଇଣ୍ଟାଲ ମାଣ୍ଡିଆ କିଣାଯାଇଥିଲା । ଆସନ୍ତା ୨ ବସୁମତା ର ସମ୍ପାଦକ ତଥା ଏଫେ ଏ ଗୟାଧର ମହାନ୍ତି, ସିବିଓ ତଥା ଉତ୍କଳ ଗୌରବ ଏସଏଚଜି ର ସରୋଜିନୀ ବେହେରା ଙ୍କ ନେତୃତ୍ୱରେ ଏହି ମଣ୍ଡି ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ଶିବପ୍ରସାଦ ଜେନା, ବିଭୁତି ରାୟ, ଜ୍ଞାନରଞ୍ଜନ ଜେନା, ମହେଶ୍ୱତା ଜେନା,ପୁଷ୍ପଲତା ବିଶ୍ୱାଳ, ମାନସୀ ବିଶ୍ୱାଳ, ବିଟିଏମ ଆଶୁତୋଷ ଲେଙ୍କା, ବ୍ଲକ ସହକାରୀ କୃଷି ଅଧିକାରୀ ତୃଷ୍ଣା ସ୍ୱାଇଁ,କୃଷି ଅଧୀଦର୍ଶକ ଦେବବ୍ରତ ଦାସ, ଗ୍ରାମ୍ୟ କୃଷି କର୍ମଚାରୀ ରାଜେନ୍ଦ୍ର ସ୍ୱାଇଁ ଉପସ୍ଥିତ ରହିଥିଲେ । ଶେଷରେ ବିଭୁତି ରାୟ ଧନ୍ୟବାଦ ଦେଇଥିଲେ।

## ଗୋପାଳପୁରରେ ତ୍ରିବେଣୀ ଅମାବାସ୍ୟା

**ରଘୁନାଥପୁର,୧୨।୨(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତ ଗୋପାଳପୁର ବଜାରରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ତ୍ରିବେଣୀ ଅମାବାସ୍ୟା ପାଳିତ ହୋଇଯାଇଅଛି। ଦିନ ୪ଟାରୁ ଗ୍ରାମବାସୀମାନଙ୍କ ଦ୍ୱାରା କଳସ ଯାତ୍ରା ସହ ସନ୍ଧ୍ୟା ୬ଘଟିକା ଠାରୁ ଚତୁର୍ଥପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଚନ୍ଦନଯାତ୍ରା କମିଟିର ସଭାପତିଙ୍କ ଦ୍ୱାରା ଜନ୍ମରୁ ଆଖି ହରାଇଥିବା ଦୁରାରୋଗ୍ୟବ୍ୟାଧିମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯିବା ସହ କମିଟି ତରଫରୁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଗୋପାଳପୁର , ଭାସିଲପୁର, ପୁରଣ ଓଡ଼ପଡ଼ା, ଜଗନ୍ନାଥପୁର ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ତ୍ରିନାଥ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।ଶେଷରେ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ତ୍ରିନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାଲିକୁଦା,୧୨।୨(ସମିସ):** ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତ ରାୟରପୁର ତ୍ରିନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣମେଣ୍ଟ ଆଜି ଉଦଯାପିତ ହୋଇଯାଇଛି ।ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାୟରପୁର ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ନିଆଁଖାଇ କ୍ରିକେଟ କ୍ଲବ ଝାରପିଟ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୯୫ ରନ କରିବା ସହ ମାତ୍ର ୧ ରନ୍‌ରେ ରୋମାଞ୍ଚକର ମ୍ୟାଚରେ ପରାଜିତ ହୋଇଥିଲା। ରାହୁଲ ଦାସ ମ୍ୟାନ ଅଫ ଦି ମ୍ୟାଚ ଓ କୁମାର ଗୌତମ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତି ରଞ୍ଜନ ମଲ୍ଲ ଓ ସମ୍ମାନିତ ଅତିଥି ଭାବେ ଶିଶିର କୁମାର ମହାନ୍ତି ଯୋଗ ଦେଇ ଚମ୍ପିଆନ ଓ ରନର୍ସଅପ୍ ଦଳକୁ ଟ୍ରଫି ସମେତ ପୁରସ୍କାର ରାଶି ପ୍ରଦାନ କରିଥିଲେ।

# 'ବାଲିଘର'ର ୩୪ତମ ବାର୍ଷିକୋତ୍ସବ

**ତିର୍ତ୍ତୋଲ,୧୨।୨(ସମିସ)**

ଶିଶୁ କିଶୋର ସାହିତ୍ୟ ପତ୍ରିକା 'ବାଲିଘର' ତଥା ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନର ୩୪ ତମ ବାର୍ଷିକୋତ୍ସବ ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦାସ୍ଥିତ ବାଲିଘର ମୁଖ୍ୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବକ୍ତା ଯୋଗଦେଇ ଓଡିଆ ଭାଷା ଏକ ପ୍ରାଚୀନତମ ଭାଷା ହୋଇଥିବାବେଳେ ଏହି ଭାଷା ଦିନକୁ ଦିନ ସଂକୁଚିତ ହେଉଛି। ତେଣୁ ଓଡିଆ ଭାଷା ସାହିତ୍ୟର ପ୍ରଚାର, ପ୍ରସାର ଓ ସୁରକ୍ଷା ଦିଗରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ବାଲିଘର ସଭାପତି ସାହିତ୍ୟକ ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଭାଷା ହିଁ ଭବିଷ୍ୟତ' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ବରିଷ୍ଠ ଶିଶୁ ସାହିତ୍ୟକ ଡ.ମହେଶ୍ୱର ମହାନ୍ତି ଯୋଗଦେଇ ଓଡିଆ ଭାଷା ଉପରେ ଆଲୋକପାତ କରି ଓଡିଆ ଭାଷା ସାହିତ୍ୟ ବିଚ୍ଛିନ୍ନାଞ୍ଚଳରେ ଧୀରେ ଧୀରେ ମରି ମରି ଯାଉଥିବାରୁ ଚିନ୍ତା ପ୍ରକଟ କରିଥିଲେ। ଏଦିଗର ଓଡିଶା ସରକାର ଧ୍ୟାନ ଦେବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ, ସମ୍ମାନିତ ଅତିଥି ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉତ୍କଳ ସାହିତ୍ୟ ସମାଜ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ଶିକ୍ଷାବିତ ନିତ୍ୟାନନ୍ଦ ଲେଙ୍କା, କବି



ବିଜୟ କୁମାର ଖଟେଇ, ଆଇନଜୀବୀ ସୁଧୀର କୁମାର ଖୁଣ୍ଟିଆ, ଆଇନଜୀବୀ ବୀରନାରାୟଣ ପାତ୍ର, ସମାଜସେବୀ ନିର୍ଲିପ୍ତ ଜେନା, ଶିକ୍ଷାବିତ ନିମାଇଁ ଚରଣ ସ୍ୱାଇଁ, ପ୍ରଧାନ ଶିକ୍ଷକ ଦେବାଶିଷ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ବାଲିଘରର ବାର୍ଷିକ ସଂଖ୍ୟା ଓ ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ବାମଦେବ ସ୍ୱାଇଁ ଓ ସ୍ୱର୍ଗତା ଇନ୍ଦ୍ରମଣୀ ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। 'ବାଲିଘର'ର ଉପଦେଷ୍ଟା ଉମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏବଂ ସଂଯୋଜିକା ଅରୁଣା ଦାସ ଓ ସର୍ବାଙ୍ଗୀ ଦାସଙ୍କ ସଂଯୋଜନାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏବର୍ଷର 'ବାଲିଘର ସାହିତ୍ୟ ସମ୍ମାନ' ସାହିତ୍ୟକ ପ୍ରଫେସର ନଟବର ଶତପଥିଙ୍କୁ ପ୍ରଦାନ କରାଯାଇଥିବାବେଳେ ଇଂ ପ୍ରେମାନନ୍ଦ ନାୟକଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ଶ୍ରୀହରି ଧଳଙ୍କୁ କବିତା ସମ୍ମାନ, ସଦାନନ୍ଦ ତ୍ରିପାଠୀଙ୍କୁ ଗଳ୍ପ ସମ୍ମାନ, ଭଗବାନ ପଟେଲଙ୍କୁ ପ୍ରବନ୍ଧ ସମ୍ମାନ, ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କୁ ଯୁବ ପ୍ରତିଭା ସମ୍ମାନ, ହଂସନାଥ ମୁଦୁଲିଙ୍କୁ ଗୀତି କବିତା ସମ୍ମାନ ସର୍ଜେଣ୍ଟ ଆଲୋକ ମହାପାତ୍ରଙ୍କୁ ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶିଶୁ ସାହିତ୍ୟକ ଡ.ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ରମେଶ ଚନ୍ଦ୍ର ଦାସ, ବୈଷ୍ଣବ ଚରଣ ଗ୍ରହାଚାର୍ଯ୍ୟ, ଗୀତାଞ୍ଜଳି ସ୍ୱାଇଁଙ୍କ ସମେତ ବରିଷ୍ଠ ନାଗରିକ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ କୃତୀଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବାଲିଘର ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଡ.ସଂଗ୍ରାମ କେଶରୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉମେଶ କୁମାର ସ୍ୱାଇଁ, ଉଲ୍ଲାସ କୁମାର ସ୍ୱାଇଁ, ଶୁଭଶ୍ରୀ ଶୁଭସ୍ମିତା, ସୁଚିଶ୍ରୀ ସୁଚିସ୍ମିତା, ସୌମ୍ୟଶ୍ରୀ ପ୍ରିୟଦର୍ଶନ ସହଯୋଗ କରିଥିଲେ। ଶିକ୍ଷାବିତ ଲୋକନାଥ ବଡପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଧାରଣା ଦେଲେ ଦୁଇ ଭିନ୍ନକ୍ଷମ ପରିବାର

**ଏରସମା,୧୨।୨(ସମିସ):** ଦୁଇ ଦୁଇଟି ଭିନ୍ନକ୍ଷମ ପରିବାର ଆଜି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବାର ଦେଖାଯାଇଛି। ଭିତର ଅନ୍ଧାରି ପଞ୍ଚାୟତ ଜାମୁକଣ ଗ୍ରାମର ଦିଲ୍ଲୀପ ମଲ୍ଲିକ,ପତ୍ନୀ ଡଳିପ୍ରଭା ତାଙ୍କର ୩ ଜଣ ଭିନ୍ନକ୍ଷମ ପୁଅ ନାରାୟଣ(୧୪),ଝିଅ ପ୍ରିୟଙ୍କା (୧୧)ଓ ପ୍ରିୟତମା (୭)ଙ୍କୁ ନେଇ ଧାରଣାରେ ବସିରହିଥିଲେ।ଦିଲ୍ଲୀପ ଅଭିଯୋଗ କରିଛନ୍ତିଯେ,ତାଙ୍କର ୩ ସନ୍ତାନ ସମସ୍ତେ ଭିନ୍ନକ୍ଷମ।ଗତ ଦୁଇବର୍ଷ ତଳେ ପ୍ରଶାସନ ପକ୍ଷରୁ ତାଙ୍କୁ କେତେକ ପ୍ରତିଶ୍ରୁତି ଦିଆଯାଇଥିଲା।ମାତ୍ର ତାହା ପୂରଣ କରାଯାଉନାହିଁ।ସାନ ଝିଅ ପ୍ରିୟତମାର ଦୁଇ ଆଖିରେ ମୋତିଆବିନ୍ଦୁ।ତା'ର ଆଧାର କାର୍ଡ ହୋଇପାରୁନି।କିମ୍ବା ରାସନ କାର୍ଡରେ ନାମଦରଜ ହୋଇପାରୁନି।ଏଥିପାଇଁ ଏକାଧିକ ବାର ବ୍ଲକକୁ ଦୌଡ଼ି ନିରାଶ ହେବାରୁ ଧାରଣାରେ ବସିଛୁ ବୋଲି କହିଥିଲେ।ତେବେ ଦୀର୍ଘ ସମୟ ଧାରଣାରେ ବସିବା ପରେ କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ନିକଟକୁ ଆସିନଥିଲେ।ପରେ ଏରସମା ଥାନା ଆଇ ଆଇ ସି ପହଞ୍ଚି ତାଙ୍କୁ ଜନଶୁଣାଣି କକ୍ଷକୁ ଯିବାକୁ କହିଥିଲେ। ଦିଲ୍ଲୀପ ଓ ପତ୍ନୀ ୩ ପିଲାଙ୍କୁ କାନ୍ଧରେ ଧରି ଜିଲ୍ଲାପାଳଙ୍କୁ ଦେଖା କରିଥିଲେ।ତେବେ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି।ସେହିପରି ନୂଆଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ଉମେଶ ରାଉତ,ପତ୍ନୀ ପ୍ରମିଳା ଓ ପୁଅ ରଶ୍ମିରଞ୍ଜନ ମଧ୍ୟ ଧାରଣାରେ ବସି ରହିଥିଲେ। ଉମେଶ ଏବଂ ପତ୍ନୀ ପ୍ରମିଳା ଉଭୟ ଭିନ୍ନକ୍ଷମ। ଉମେଶ ଅଭିଯୋଗ କରିଛନ୍ତିଯେ ରାସନ କାର୍ଡରେ ପତ୍ନୀ ପ୍ରମିଳା ଏବଂ ପୁଅ ରଶ୍ମିରଞ୍ଜନଙ୍କର ନାମ ଦରଜ କରାଯାଉନାହିଁ। ଯେଉଁଥିପାଇଁ ଦୀର୍ଘ ଦିନଧରି ଖାଦ୍ୟସୁରକ୍ଷା ଯୋଜନାରୁ ସେମାନେ ବଞ୍ଚିତ



ହେଉଛନ୍ତି। ଏଥିପାଇଁ ବିଡିଓ,ଯୋଗାଣ ନିରୀକ୍ଷକ ଏବଂ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏକାଧିକ ବାର ଅଭିଯୋଗକରି କୌଣସି ଫଳ ନମିଳିବାରୁ ଆଜି ବାଧହୋଇ ଧାରଣାରେ ବସିରହିଛନ୍ତି ବୋଲି କହିଥିଲେ। ତେବେ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଚଳିତ ମାସ ପାଇଁ ତୁରନ୍ତ ୧୦ କେଜି ଚାଉଳ ସହିତ ଆସନ୍ତା ମାସସୁଦ୍ଧା ରାସନ କାର୍ଡରେ ନାମଦରଜ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣାରୁ ଉଠିଥିଲେ।

## ରୋଜଗାର ଦେଉଛି 'ଆମ ଓଡ଼ିଶା ନବୀନ ଓଡ଼ିଶା'

# ରାଜ୍ୟ ବିକାଶର ନୂଆ ଯୋଜନାରେ ମିଳୁଛି କାମ

**କେନ୍ଦ୍ରାପଡ଼ା, ୧୨।୨(ସମିସ):**

'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ହଜାର ହଜାର ଲୋକେ କାର୍ଯ୍ୟ ପାଇଛନ୍ତି। ଅଫ ସିଜିନରେ ଗ୍ରାମାଞ୍ଚଳରେ କୌଣସି କାର୍ଯ୍ୟ ନଥିବାରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଯୋଗୁ ହଜାର ହଜାର ଲୋକ ଭଲ ଟଙ୍କା ରୋଜଗାର କରିଛନ୍ତି। ହାତ ବାନ୍ଧି କାର୍ଯ୍ୟପାଇଁ ଅପେକ୍ଷା କରିଥିବା ସମୟରେ ଏହି ଯୋଜନାରେ କାର୍ଯ୍ୟ କରି ଶ୍ରମିକଙ୍କଠାରୁ ଆରମ୍ଭ କରି କଳାକାର ପର୍ଯ୍ୟନ୍ତ ସମସ୍ତେ ପ୍ରଶଂସା କରିଛନ୍ତି। ଏହି ଯୋଜନା ଜରିଆରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଭୂତପୂର୍ବ ସଫଳତା ହାସଲ

### ତୃଣମୂଳ ସ୍ତରରେ ଯୋଜନାକୁ ପ୍ରଶଂସା

ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ୨୪୯ ପଞ୍ଚାୟତ ଓ ଦୁଇଟି ପୌରାଞ୍ଚଳରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାରେ ପଞ୍ଚାୟତସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟ ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, କୃଷି, ଶିଳ୍ପ ସବୁକ୍ଷେତ୍ରରେ ଲୁକାୟିତ ବ୍ୟକ୍ତିଙ୍କ କଳାକୁ ପ୍ରସ୍ଫୁଟିତ କରାଯାଉଛି। ପ୍ରତି ପଞ୍ଚାୟତ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଛି। ଯାହା ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଯୋଡ଼ାଯାଇ ପାରିଛି। ସାଧାରଣ ଲୋକଙ୍କ ସହଭାଗୀତାରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇ ଗ୍ରାମ୍ୟ ଭିତ୍ତିଭୂମିକୁ ବିକଶିତ କରୁଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା'କାର୍ଯ୍ୟକ୍ରମରେ ଲୋକଙ୍କ ମଙ୍ଗଳ ପାଇଁ ମନ୍ଦିରରୁ ନେଇ ମଶାଣି, ବିଦ୍ୟାଳୟ, ଡାକ୍ତରଖାନା, ଖେଳ ପଡ଼ିଆ, ପୋଖରୀ ସବୁର ଉନ୍ନତି କରାଯିବା ପରେ ଲୋକଙ୍କ ସଚେତନ ପାଇଁ ପ୍ରତି ପଞ୍ଚାୟତକୁ ୩ ଲକ୍ଷ ଲେଖାଏଁ ପ୍ରଦାନ କରାଯାଉଛି। ଏହି ଟଙ୍କାରେ ଗ୍ରାମାଞ୍ଚଳର ବିଭିନ୍ନ ଲୋକକଳା ମାଧ୍ୟମରେ ବିକାଶର ପ୍ରତିଛବିକୁ ମନୋରଞ୍ଜନ ଉପାୟରେ ପ୍ରତିଫଳନ କରାଯାଉଛି। ଲୋକକଳା ପ୍ରତି ଆଗ୍ରହ କମୁଥିବା ସମୟରେ ଓଡ଼ିଶା ସରକାର ଏହାକୁ ନୂଆ ଜୀବନ ଦେବାକୁ ଚେଷ୍ଟା କରିଛନ୍ତି। ଲୁପ୍ତ ଲୋକକଳା ଦଳମାନଙ୍କୁ 'ଆମ ଓଡ଼ିଶା ନବୀନ ଓଡ଼ିଶା'ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି। ମାଘ ମାସ ଅଫ ସିଜିନ ହୋଇଥିବାରୁ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ଷ୍ଟେଜ ହାଉସ ମାଲିକଙ୍କ ନିକଟରେ କାମ ନଥିଲା। ହେଲେ ଏହି ସଚେତନତା କାର୍ଯ୍ୟକ୍ରମରେ ଷ୍ଟେଜ ଜରିଆରେ ପ୍ରତି ପଞ୍ଚାୟତରେ ୧୦ରୁ ଅଧିକ କର୍ମଚାରୀ କାର୍ଯ୍ୟ ପାଇଛନ୍ତି। ଷ୍ଟେଜ ପାଇଁ ପଞ୍ଚାୟତରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ଭିଡିଓ କ୍ୟାମେରା ପାଇଁ ୫ ହଜାର, ଏଲଇଡି ଟିଭି ପାଇଁ ୨୫ ହଜାର, ଘୋଡ଼ା ନାଚ, ପାଲା, ଓଡିଶୀ ନୃତ୍ୟ ପ୍ରଦର୍ଶନୀ, ଗ୍ରାମାଞ୍ଚଳ କଣ୍ଠଶିଳ୍ପୀମାନଙ୍କ ପାଇଁ ୨୦ ହଜାର, ଖେଟି ଚିତା କରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟାମାନଙ୍କ ପାଇଁ ୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ସେହିଭଳି ପ୍ରତି ପଞ୍ଚାୟତରୁ ୨ ହଜାରରୁ ଅଧିକ ଲୋକଙ୍କ ପାଇଁ ଭୋଜନ ବ୍ୟବସ୍ଥା ହୋଇଛି।ଏଥିପାଇଁ ରୋଷେୟାଠାରୁ ଆରମ୍ଭ କରି ଯୋଗାଡ଼ିଆ ପର୍ଯ୍ୟନ୍ତ ୧୦ରୁ ଅଧିକ କର୍ମଚାରୀ ନିୟୋଜିତ ହେବା ସହ ପ୍ରାୟ ୧୦ ହଜାର ଟଙ୍କା ଲେଖାଏଁ ଦିଆଯାଇଛି।ପ୍ରତ୍ୟେକ ପଞ୍ଚାୟତରେ ୩ ଲକ୍ଷ ଟଙ୍କା ଏହିସବୁ ଉପାୟରେ ଖର୍ଚ୍ଚ ହୋଇଛି। ତେବେ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୪୯ ପଞ୍ଚାୟତ ଆଉ ଦୁଇଟି ପୌରାଞ୍ଚଳରେ ହଜାର ହଜାର ଲୋକ ସରକାରଙ୍କ ପାଇଁ ଅଫ ସିଜିନରେ କାର୍ଯ୍ୟ ପାଇ ଟଙ୍କା ରୋଜଗାର କରିପାରିଥିବାରୁ ଲୋକେ ପ୍ରଶଂସା କରିଛନ୍ତି।ଏହା ରାଜ୍ୟର ବିକାଶ ପାଇଁ ନୂଆ ନକ୍ସା ତିଆରି କରିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।



## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ



**ପଟ୍ଟାମୁଣ୍ଡାଇ, ୧୨/୨(ସମିସ):** ପଟ୍ଟାମୁଣ୍ଡାଇ ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମୋତ୍ସବ ତଥା ସତସଙ୍ଗ କେନ୍ଦ୍ର ବାର୍ଷିକ ଉତ୍ସବ ସତସଙ୍ଗ ବିହାରଠାରେ ସମାରୋହରେ ପାଳିତ ହୋଇଯାଇଛି ।ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଉଷା କୀର୍ତ୍ତନ ସହ ମାଙ୍ଗଳିକ କାର୍ଯ୍ୟକ୍ରମ ପରେ ଠାକୁରଙ୍କୁ ସୁସଜ୍ଜିତ ରଥରେ ଆସୀନ କରାଯାଇ ବାଦ୍ୟ ସଂକୀର୍ତ୍ତନ ଓ ଶହ ଶହ ଭକ୍ତଙ୍କ ଗହଣରେ ବାଲିପଡ଼ା ହନୁମାନ ମନ୍ଦିରଠାରୁ ଭବ୍ୟ ଶୋଭାଯାତ୍ରା ବାହାରି ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିବା ପରେ ସତସଙ୍ଗକେନ୍ଦ୍ରରେ ପହଞ୍ଚିଥିଲା ଓ ସପ୍ରଇ ଗୁରୁ ଚରଣ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ ରମାକାନ୍ତ ମିଶ୍ର ଠାକୁର ଆଦର୍ଶ, ଭାବଧାରା ଓ ଜୀବନରେ ଗୁରୁ ଗ୍ରହଣ କରିବାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସପ୍ରଇ ରବୀନ୍ଦ୍ର ନାଥ ଦାଶ, ଜୟନ୍ତ ପରିଡ଼ା, ଦୁର୍ଯ୍ୟୋଧନ ରଥ, ଗଦାଧର ରାଉତ, ରାମ ଚନ୍ଦ୍ର ଭୂୟାଁ ପ୍ରମୁଖ ବିଭିନ୍ନ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ଉତ୍ସବ କମିଟି ସଭାପତି ବିଜୟ କୁମାର ସାହୁ, ଅକ୍ଷୟ ସାହୁ, ରବି ନାରାୟଣ ସାହୁ, ସନ୍ତୋଷ ଦେ, ରବୀନ୍ଦ୍ର ନାୟକ, ଭାସ୍କର ସାହୁ, ବିଶ୍ୱଜିତ ଦାସ, ହେମକାନ୍ତ ସାହୁ, ଉଦୟ ବିଶ୍ୱାଳ, ପ୍ରମେଶ ସାହୁ, ସାରଳା ନାୟକ, ସୁନୀଲ ଦାସ, ନିରାକାର ପଣ୍ଡା, ପ୍ରଶାନ୍ତ ସାହୁ, ସୁକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ରାଉତ, ପ୍ରଫୁଲ୍ଲ ପାଣ୍ଡବ, ପ୍ରଦୀପ ଜତି, ପ୍ରମୋଦ ଜେନା, ନୃସିଂହ ପାଢ଼ୀ ପ୍ରମୁଖ ଗୁରୁ ଭାଇମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ଏହି ଅବସରରେ ଆୟୋଜିତ ମାତୃ ସମ୍ମିଳନୀରେ ବହୁ ସଂଖ୍ୟକ ମା' ମାନେ ଯୋଗ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ୩୦୦ରୁ ଭକ୍ତ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ




**ମାର୍ଶାଘାଇ, ୧୨।୨(ସମିସ):** ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭାଗବତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ସମ୍ମାନିତ ଅତିଥି ଜିଲା ବିଜେଡ଼ି କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ଲକ ଆଳା ଅଧ୍ୟକ୍ଷ ପ୍ରଦୀପ୍ତ ଗାହାଣ, ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାର୍ଶାଘାଇ ଅଞ୍ଚଳ ବିକାଶ ଯୋଜନା ଆଗେଇ ଚାଲିଛି। ନୂତନ ବସଷ୍ଟାଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନବକଳେବର, ବଜାର ଆଲୋକୀକରଣ ପାନୀୟ ଜଳ ସମେତ ଅନେକ ଯୋଜନା କରାଯାଇଛି। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନୂଆ ମାର୍ଶାଘାଇର କାୟାକଳ୍ପ ବୃଦ୍ଧିକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିଦ୍ୟୁତ କ୍ଷେତ୍ରରେ ଉନ୍ନତିକରଣ ଯୋଜନା ଦ୍ୱାରା ସାଧାରଣ ଲୋକେ ବିଶେଷ ଉପକୃତ ହୋଇପାରୁଛନ୍ତି। ମିଶନଶକ୍ତି ମହିଳାଙ୍କୁ ବିନା ସୁଧରେ ଋଣ, ବାର୍ଦ୍ଧକ୍ୟ ଲୋକ, ବିଧବାମାନଙ୍କ ମାସିକ ଭତ୍ତା ୧ହଜାରକୁ ବୃଦ୍ଧି କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ଆସ୍ଥାଭାଜନ ହୋଇଥିବା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପିଇଓ ସତ୍ୟଗୁରୁ ନିହାରକାନ୍ତ, ନାଏବ ସରପଞ୍ଚ ଦେବସ୍ମିତା କର, ଅଜୟ କୁମାର କର ପ୍ରମୁଖ ଯୋଗଦେଇଥିଲେ।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ମାର୍ଶାଘାଇ, ୧୨।୨(ସମିସ):** ମାର୍ଶାଘାଇ ବ୍ଲକ ଆୟତପୁର ଗାନ୍ଧିଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠରେ ୮ଦିନ ବ୍ୟାପି ଚାଲୁଥିବା ନୂଆ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରତାପ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପୂର୍ବତନ ସରପଞ୍ଚ ସମାଜସେବୀ ବାସୁଦେବ ସ୍ୱାଇଁ, ସମ୍ମାନୀତ ଅତିଥି ପ୍ରାକ୍ତନ ମେଜର ଭରତ ଜେନା, ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ମିଶ୍ର ପ୍ରମୁଖ ଯୋଗଦେଇ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସାର ପ୍ରଚାର ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ସୃଜନଶୀଳତା ଅନ୍ତର୍ନିହିତ ପ୍ରତିଭା ସ୍ଫୁରଣ ନିମନ୍ତେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଇଂରାଜୀ ଅଧ୍ୟାପକ ଚିନ୍ମୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନୋଡ଼ାଲ ଅଧିକାରୀ ଅଶୋକ କୁମାର ନାୟକ ଅଭିଭାଷଣ ରଖିଥିଲେ। ଅଧ୍ୟାପକ ଅଶୋକ କୁମାର ବରାଳ, ସୁରେନ୍ଦ୍ରପାଥ ଶତପଥୀ, ଗୌତମ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଭାଗବତ ମୁଦୁଲି ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ କର୍ମୀ ସମାବେଶ

**ଡେରାବିଶ, ୧୨।୨(ସମିସ):** ଡେରାବିଶ ବ୍ଲକ ଅଧୀନସ୍ଥ ଲକ୍ଷ୍ମୀନାରାୟଣପୁରରେ କଂଗ୍ରେସ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ସାରା ଭାରତରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ ଅଭିଯାନ ଓଡ଼ିଶାର ଜନସାଧାରଣଙ୍କୁ ବିଶେଷ ଉତ୍ସାହିତ କରିଥିବା କହିଥିଲେ। ୨୦୨୪ ନିର୍ବାଚନରେ କଂଗ୍ରେସ ଓଡ଼ିଶାରେ ନିଶ୍ଚୟ ସରକାର ଗଠନ କରିବ ବୋଲି ରତିକାନ୍ତ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ସମାବେଶରେ ବରିଷ୍ଠ କଂଗ୍ରେସ ନେତା ରାଜୀବଲୋଚନ ମିଶ୍ର, ଜୟଦେବ ପରିଡ଼ା, ରଞ୍ଜନ କୁମାର ମଲିକ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ମମତା କରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ୨୫ରେ ଜଗନ୍ନାଥ ଟ୍ରକ ମାଲିକ ସଂଘ ନିର୍ବାଚନ

**ପାରାଦୀପ, ୧୨।୨ (ସମିସ):** ପାରାଦୀପର ଜଗନ୍ନାଥ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ନିର୍ବାଚନ ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ନିଷ୍ପତ୍ତି ପରେ ସଂଘର ସଦସ୍ୟଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। କାହା ହାତରେ ଏଥର ସଂଘ ପରିଚାଳନା ଦାୟିତ୍ୱ ରହିବ ତାକୁ ନେଇ ଅଙ୍କକସା ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ଟ୍ରକ୍ ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେଇଛି, ତେବେ କେଉଁ ଦକ୍ଷ ମାଲିକ ଟିମ୍‌ଙ୍କୁ ଭୋଟ ଦେଇ ଜିତାଇଲେ ସେସବୁ ସମସ୍ୟାକୁ ସମାଧାନ କରିବାରେ ସହାୟକ ହେବେ ତାକୁ ସଦସ୍ୟମାନେ ନିଜ ନିଜ ମଧ୍ୟରେ ଆଲୋଚନା କରୁଛନ୍ତି। ତେବେ ଏନେଇ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ ୧୪ ତାରିଖ (ବୁଧବାର) ପୂର୍ବାହ୍ନ ୧୦ ଟାରୁ ୨ଟା ମଧ୍ୟରେ ସଂଘ କାର୍ଯ୍ୟାଳୟରୁ ମନୋନୟନ ପତ୍ର ନେଇପାରିବେ। ପ୍ରାର୍ଥୀଙ୍କ ଅମାନତ ରାଶି ସଭାପତି ପଦ ପାଇଁ ୫ ହଜାର, ସମ୍ପାଦକ ପାଇଁ ୪ ହଜାର ଓ ଉପସଭାପତି, କାର୍ଯ୍ୟକାରୀ ସଭାପତି, ସହ-ସମ୍ପାଦକ, କୋଷାଧ୍ୟକ୍ଷ ପଦ ପାଇଁ ୩ ହଜାର ଟଙ୍କା ଦାଖଲ କରିବେ। ୧୫ ତାରିଖ (ଗୁରୁବାର) ପୂର୍ବାହ୍ନ ୧୦ ଟାରୁ ୨ଟା ମଧ୍ୟରେ ପ୍ରାର୍ଥୀମାନେ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିବେ। ୧୬ ତାରିଖ (ଶୁକ୍ରବାର) ୧୦ ଟାରୁ ୨ ଟା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇପାରିବେ। ଏହି ଦିନ ୪ ଘଟିକା ସମୟରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ପ୍ରାର୍ଥୀ ତାଲିକା ଓ ନିର୍ବାଚନ ଚିହ୍ନ ଘୋଷଣା କରାଯିବ। ୨୫ ତାରିଖ ୮ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଘ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବ। ଉକ୍ତ ଦିନ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୨୬ ତାରିଖରେ ପ୍ରାର୍ଥୀମାନେ ସେମାନଙ୍କ ପଦବୀ ଘୋଷଣା ପତ୍ର ନିର୍ବାଚନ ପରିଚାଳନା କମିଟିଠାରୁ ନେଇ ପାରିବେ।

## ନନ୍ଦକିଶୋର ୟୁପି ସ୍କୁଲର ରୌପ୍ୟ ଜୟନ୍ତୀ

**କେନ୍ଦ୍ରାପଡ଼ା, ୧୨।୨(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋସ୍ଥ ନନ୍ଦକିଶୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ମନୋରମା ପବ୍ଲିକ ସ୍କୁଲର ଅଧ୍ୟକ୍ଷ କାଙ୍ଗାଳି ଚରଣ ଦାସଙ୍କ ସଭାପତିତ୍ୱରେ ଲୋକାଲ ଫଣ୍ଡ ଅଡିଟ୍‌ର ଅତିରିକ୍ତ ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠପଢ଼ା ସହିତ ପିତାମାତାଙ୍କ ପ୍ରତି ଭକ୍ତିଭାବ ରଖି ତାଙ୍କର ଲକ୍ଷ୍ୟପଥରେ ଅଗ୍ରସର ହୋଇ ଜଣେ ସୁନାମଧନ୍ୟ ସୁଯୋଗ୍ୟ ସନ୍ତାନର ପରିଚୟ ସୃଷ୍ଟି କରିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡ଼ା କଲେଜର ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଭଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସାତକଡ଼ି ହୋତାଙ୍କ ବିୟୋଗରେ ଶୋକ



**ରାଜନଗର, ୧୨।୨(ସମିସ):** ଓଡ଼ିଶା ସାହିତ୍ୟ ଜଗତର ଯଶସ୍ୱୀ ସ୍ତମ୍ଭକାର ତଥା ଖ୍ୟାତାନାମା ସାହିତ୍ୟିକ, ଦୈନିକ ଖବରକାଗଜ 'ସମୟ'ର ମୁଖ୍ୟ ସମ୍ପାଦକ ସାତକଡି ହୋତାଙ୍କ ୯୫ ବର୍ଷରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ହୋତା ଏକାଧାରାରେ ସାହିତ୍ୟିକ, ସ୍ତମ୍ଭକାର, ସାମ୍ବାଦିକତା କ୍ଷେତ୍ରରେ ଓଡ଼ିଶା ଜନମାନସରେ ପ୍ରଶଂସା ସାଉଣ୍ଟିଥିଲେ। ତାଙ୍କ ବିୟୋଗରେ ସମଗ୍ର ସାହିତ୍ୟ ଓ ସାମ୍ବାଦିକ ଜଗତରେ ଶୋକର ଛାୟା ଖେଳିଯାଇଛି। ରାଜନଗର ପ୍ରେସରୁମ ପରିସରରେ ଆୟୋଜିତ ଶୋକସଭାରେ ସଭାପତି ଭାସ୍କର ରାଉତରାୟ, ବରିଷ୍ଠ ପତ୍ରକାର ସୂର୍ଯ୍ୟନାରାୟଣ ଲେଙ୍କା, ବ୍ରଜ କିଶୋର ମିଶ୍ର, ବିଜୟ ଗୁପ୍ତା, ରଞ୍ଜନ ପ୍ରଧାନ, ଜଗବନ୍ଧୁ ଖଟୁଆ, ତାପସ ପରିଡ଼ା, ମୋହନ ଚରଣ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିବା ସହ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ।

## ତାରପୁରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ରଘୁନାଥପୁର, ୧୨।୨(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ସୁଷମା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ୍ମରୁ ମୃତ୍ୟୁପର୍ଯ୍ୟନ୍ତ ବିଭିନ୍ନ ଯୋଜନା ପ୍ରଚଳନ କରୁଥିବାରୁ ଏହି ଯୋଜନାର ସୁଫଳ ଜନସାଧାରଣ ନେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ।ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଇତିଶ୍ରୀ ମଲ୍ଲିକ, ରିନା ରାଣୀ ମଲ୍ଲିକ, ରଘୁନାଥପୁର ବ୍ଲକ ଏବିଡ଼ିଓ ଜ୍ଞାନଦା ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ।ତାରପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ଜିଲ୍ଲା ବିଜୁ କୃଷକ ଜନତା ଦଳ ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ରହିମ ଖାଁ, ତାରପୁର ପଞ୍ଚାୟତ ବିଜେଡି ସଭାପତି ଚନ୍ଦ୍ର ଶେଖର ସିଂହ, ବିଜେଡ଼ି ଯୁବନେତା ପ୍ରଭାକର ମଲ୍ଲିକ, ମଧୁସୂଦନ ସାହୁ, ଛାତ୍ର ବିଜେଡି ନେତ୍ରୀ ସ୍ରୋତସ୍ୱିନି ସିଂହ, ତାରପୁର ସମିତିସଭ୍ୟ ପୂଜାଲତା ଦାସ, ପୂରଣ ଓଡ଼ପଡ଼ା ସମିତିସଭ୍ୟ ପ୍ରିୟତମା ରାଉତ, ସଦେଇପୁର ସରପଞ୍ଚ ପ୍ରଭାସିନୀ ବେହେରା, ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି, ତରିକୁନ୍ଦ ସରପଞ୍ଚ ବନମାଳୀ ସାହୁ, ସମିତିସଭ୍ୟ ସ୍ୱଦେଶ ଦାସ, ରଘୁନାଥପୁର ବ୍ଲକ ବିଜୁ ମହିଳା ସଭାନେତ୍ରୀ ତଥା ତଅଁରା ସମିତିସଭ୍ୟ ଶାନ୍ତିଲତା ଦ୍ୱିବେଦୀ, ବିଜେଡି ଯୁବନେତା ନିହାର ରଞ୍ଜନ ସାହୁ, ମଧୁସୂଦନ ସାହୁ, ଶୁଭେନ୍ଦୁ ବରାଳ, ତ୍ରିଲୋଚନ ପଣ୍ଡା, ସୁବାଷ ସ୍ୱାଇଁ, ନବଘନ ରାଉତ, ବିଜେଡ଼ିନେତା ପ୍ରକାଶ ମଲ୍ଲିକ, ବ୍ଲକ ଛାତ୍ର ବିଜେଡ଼ି ସଭାପତି ରାଜେଶ କୁମାର ମିଶ୍ର, ବ୍ଲକ ଯୁବବିଜେଡ଼ି ସଭାପତି ଜୋସେଫ ସ୍ୱାଇଁ ପ୍ରଭୃତି ଯୋଗଦେଇ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।ଏଥିରେ ପଞ୍ଚାୟତର ଶିଶୁ କଳାକାର ମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ପଞ୍ଚାୟତର କଳାକାରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା।ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପଞ୍ଚାୟତର ପ୍ରତିଭା ମାନଙ୍କୁ ସାର୍ଟିଫିକେଟ ଓ କପ୍ ପ୍ରଦାନ କରାଯାଇଥିଲା।ଏହି ଅବସରରେ ସାମ୍ବାଦିକ ସୁବାଷ ଚନ୍ଦ୍ର ସିଂହ, ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ମଲ୍ଲଙ୍କୁ ଉତ୍ତରୀୟ ଓ ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଆମ ଓଡ଼ିଶା-ନବୀନ ଓଡ଼ିଶା' ସଚେତନତା ଶିବିର

**ପାରାଦୀପ, ୧୨।୨ (ସମିସ) :** ପାରାଦୀପ ନିର୍ବାଚନମଣ୍ଡଳୀ ଭୂତମୁଣ୍ଡାଇସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିକଟରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା -ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତର ସମସ୍ତ ବିକାଶ ଦିଗରେ ଆଲୋଚନା କରାଯିବା ସହିତ ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାଗୁଡିକୁ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା ଲୋକେ କିଭଳି ସୁବିଧା ପାଇପାରୁଛନ୍ତି ସେ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ନୂଆଗଡ଼ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କ ସମେତ ବହୁ ଜନ ପ୍ରତିନିଧି, ମିଶନ ଶକ୍ତିର ମହିଳା, ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଜନ ସାଧାରଣ ଯୋଗଦେଇଥିଲେ। ପାଲା, ଦାସକାଠିଆ, ଓଡିଶୀ ନୃତ୍ୟ ସହ କୁନି କୁନି ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଏହି ଅବସର ଭୂତମୁଣ୍ଡାଇ ପଞ୍ଚାୟତର ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ଭୂତମୁଣ୍ଡାଇ ପଞ୍ଚାୟତର ବହୁ ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ।



# ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ସମ୍ମିଳନୀ

**କେନ୍ଦ୍ରାପଡ଼ା, ୧୨।୨(ସମିସ):**

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ତ୍ରୟବାର୍ଷିକ ସମ୍ମିଳନୀ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଅଶୋକ କୁମାର ବେହେରା, ଭଣ୍ଡାରୀପୋଖରୀ ତହସିଲର ଅତିରିକ୍ତ ତହସିଲଦାର ରଶ୍ମୀରଞ୍ଜନ ମଲ୍ଲିକ, ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ଜେନା, ପୂର୍ବତନ ରାଜସ୍ୱ ପରିଦର୍ଶକ ହିମାଂଶୁ ଦାସ, କଟକ ଜିଲ୍ଲା ସଭାପତି ସୁଚନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଅକ୍ଷୟ ଚୌଧୁରୀ, ପୂର୍ବତନ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣନାଥ ଶର୍ମା ଓ ବୈଷ୍ଣବ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ବିଶ୍ୱବିଜୟୀ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜସ୍ୱ ନିରୀକ୍ଷକ ପୁଷ୍ପଲତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।



ଏ ଅବସରରେ ସଂଘ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହ ନିର୍ମାଣ ତଥା ମରାମତି ଓ ଗୃହକୁ ବିଦ୍ୟୁତ୍ ସଂଯୋଗ ଓ ଇଣ୍ଟରନେଟ୍ ବ୍ରଡବ୍ୟାଣ୍ଡ ସଂଯୋଗୀକରଣ କରିବା ସହ ଲାପଟପ୍ ଓ ପ୍ରିଣ୍ଟରକୁ ମରାମତି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା, ଜିଲ୍ଲାର ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ଗସ୍ତ ଖର୍ଚ୍ଚ ଓ ସର୍କଲ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ମୋବାଇଲ ଖର୍ଚ୍ଚ ଦରମା ସହ ପ୍ରଦାନ କରିବା, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ସମସ୍ତ ପଦକୁ ପୁରଣ କରାଯିବା, ସମସ୍ତ ରାଜସ୍ୱ କ୍ଷେତ୍ର ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଏବଂ ଏଆରଆଇମାନଙ୍କୁ ଜିଲ୍ଲାପାଳଙ୍କ ସ୍ୱାକ୍ଷରରେ ପରିଚୟପତ୍ର ପ୍ରଦାନ, ଜିଲ୍ଲାପାଳଙ୍କ ବିନା ଅନୁମତିରେ ତହସିଲଦାରଙ୍କ ଦ୍ୱାରା ବେଆଇନ ଭାବେ ହେଉଥିବା କ୍ଷେତ୍ର କର୍ମଚାରୀଙ୍କ ଅଯଥା ବଦଳିକୁ ବନ୍ଦ କରାଯିବା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପ୍ରତ୍ୟେକ ମାସରେ କଣ୍ଟିଜେନ୍ସି ଦେବାର ବ୍ୟବସ୍ଥା ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସବାବପତ୍ର ଯୋଗାଣ ସହିତ ତହସିଲ କାର୍ଯ୍ୟାଳୟରେ ବେଆଇନ ଭାବେ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା କ୍ଷେତ୍ର କର୍ମଚାରୀଙ୍କୁ ତୁରନ୍ତ ରାଜସ୍ୱ ସର୍କଲକୁ କାର୍ଯ୍ୟ କରିବାକୁ ପଠାଇବା ନିମନ୍ତେ ସମ୍ପୃକ୍ତ ତହସିଲଦାରଙ୍କୁ କଡା ତାଗିଦ କରାଯିବା ପାଇଁ ଦାବି କରାଯାଇଥିଲା। ସଙ୍ଘର ନୂତନ କମକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ଜାନକୀ ବଲ୍ଲଭ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ବିଶ୍ୱବିଜୟୀ ପରିଡ଼ା, ଉପସଭାପତି ଭାବେ ମନିଆ ପ୍ରିୟଦର୍ଶିନୀ ଷଡଙ୍ଗୀ, ସମ୍ପାଦକ ଭାବେ ରଞ୍ଜିତ କୁମାର ସାହୁ, ଯୁଗ୍ମସମ୍ପାଦକ ଭାବେ ବିଜୟ କୁମାର ଜେନା, ସଂଗଠନ ସମ୍ପାଦକ ଶକ୍ତିପ୍ରସାଦ ରଥ, ସାଂସ୍କୃତିକ ସମ୍ପାଦକ ଅନନ୍ତ କୁମାର ମହାରଣା, କାର୍ଯ୍ୟାଳୟ ସାମ୍ପାଦକ ରାଜଶ୍ରୀ ପ୍ରଧାନ, କୋଷାଧ୍ୟକ୍ଷ ଦୀପକ କୁମାର ଦାସ, ସମୀକ୍ଷକ ପୁଷ୍ପଲତା ମହାପାତ୍ର ଓ ପବିତ୍ର କୁମାର ବେହେରା, ମୁଖ୍ୟ ପରାମର୍ଶଦାତା ହିମାଂଶୁ କୁମାର ଦାସ, ପରାମର୍ଶଦାତା ନଳିନୀକାନ୍ତ ପୃଷ୍ଟି, ବିଜୟାନନ୍ଦ ପଣ୍ଡା, ସୁଧାଂଶୁଶେଖର ମହାନ୍ତି ଓ ଅଭିମନ୍ୟୁ ସେଠୀଙ୍କୁ ସର୍ବସମ୍ମତ ଭାବେ ଚୟନ କରାଯାଇଥିଲା।

